بِسۡمِ اللّٰہِ الرَّحۡمٰنِ الرَّحِیۡمِ     نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ     وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 4

ସାପ୍ତାହିକ ବଦର କାଦିଆନ

Weekly BADAR Qadian

ସଂଖ୍ୟା 23

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

06 ଜୁନ୍ 2019 0 ଏହ୍ସାନ୍ 1398 ହି.ଶ 02 ଶୱାଲ୍ 1440 ହି.କ

## ଅଲ୍ଲାଃତାଲାଙ୍କ ବାଣୀ

لَنۡ تَنَالُوا الۡبِرَّ حَتّٰی تُنۡفِقُوۡا

مِمَّا تُحِبُّوۡنَ ۬ؕ وَمَا تُنۡفِقُوۡا

مِنۡ شَیۡءٍ فَاِنَّ اللّٰہَ بِہٖ عَلِیۡمٌ ○

(آل عمران:93)

ଅନୁବାଦ- ତୁମେମାନେ (ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ) ନିଜ ପ୍ରୀୟ ବସ୍ତୁମାନଙ୍କ ମଧ୍ୟରୁ ବ୍ୟୟ ନ କିରବା ପର୍ଯ୍ୟନ୍ତ ତୁମେମାନେ କଦାପି ସମ୍ପୁର୍ଣ୍ଣ ପୂଣ୍ୟ ଲାଭ କରିପାରିବ ନାହିଁ; ଏବଂ ତୁମେମାନେ ଯାହା କିଛି ବ୍ୟୟ କର ଅଲ୍ଲାଃ ତାହାକୁ ଭଲ ରୂପେ ଜାଣନ୍ତି ।

*(ଆଲେ ଇମରାନ୍: ୯୩)*

## ଅହ୍ମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲ୍ହମ୍ଦୋଲିଲ୍ଲାଃ)**

ହୁଜୁର ଅନ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍ଲନା ଫି'ଉମ୍ରିହି ୱ ଅମ୍ରିହି ॥**

**ରସୁଲେ କରିମ ସ:ଆ:ସ ପ୍ରଥମତଃ ଉପସ୍ଥିତ ଯମାତ ଅର୍ଥାତ୍ ସାହାବା କରାମ୍ଙ୍କ ଯମାତ୍କୁ ପବିତ୍ର କରାଇଲେ (ଅର୍ଥାତ୍ ପଥ ପଦର୍ଶକ କରି ସୁଗୁଣର ଅଧିକାରୀ କରାଇଦେଲେ ଓ ଆସିବାକୁ ଥିବା ଯମାତ୍କୁ (ମଧ ପବିତ୍ର) କରାଇଲେ ଯାହାଙ୍କ ସମ୍ମାନରେ ଲମ୍ମା ୟଲ୍ହକୁ ବିହିମ୍ ଆସିଛି ।**
**ମସିହ୍ ଓ ମେହେଦୀ ଦୁଇଜଣ ଅଲଗା ଅଲଗା ବ୍ୟକ୍ତି ନୁହନ୍ତି । ଏହାର ଅର୍ଥ ହୋଇଛି ଏକ । ମେହେଦୀ (ଶବ୍ଦଟି)ର ଅର୍ଥ ହେଉଛି ହିଦାୟତ (ଅର୍ଥାତ୍ ଆଧ୍ୟାତ୍ମିକ ଜ୍ଞାନ) ପ୍ରାପ୍ତ କରିଥିବା ବ୍ୟକ୍ତି । କେହି ଏ କଥା କହିପାରିବେ ନାହିଁ ଯେ ମସିହ ମେହେଦୀ ନୁହନ୍ତି ।**
**ମେହେଦୀ ମସିହ୍ ହୁଅନ୍ତୁ ବା ନ ହୁଅନ୍ତୁ କିନ୍ତୁ ମସିହ୍ଙ୍କ ମେହେଦୀ ହେବାର ଅସ୍ୱୀକାର କରିବା ମୁସଲମାନ ମାନଙ୍କ କାର୍ଯ୍ୟ ନୁହେଁ ।**
**ଆସାର୍ରେ ବର୍ଣ୍ଣିତ ଅଛି କି ଆସିବାକୁ ଥିବା ମସିହଙ୍କର ଗୋଟିଏ ଶ୍ରେଷ୍ଠତ୍ୱ ଏହା ହେବ କି ସେ ପବିତ୍ର କୋରାନ୍ର ଅର୍ଥ ଓ ଜ୍ଞାନକୁ ଭଲ ଭାବେ ଜାଣିଥିବେ ଏବଂ କେବଳ କୋରାନ୍ରୁ ଅର୍ଥ ବାହାର କରି ଲୋକମାନଙ୍କୁ ତାଙ୍କର ଭୁଲ ସମ୍ବନ୍ଧରେ ସଚେତନ କରିବେ ଯାହା କୋରାନ୍ର ସତ୍ୟାସତ୍ୟକୁ ନଜାଣିବା ଦ୍ୱାରା ଲୋକମାନଙ୍କ ମଧ୍ୟରେ ସୃଷ୍ଟି ହୋଇଯାଇଥିବ ।**

**ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ**

# ମସିହ୍ ଓ ମେହେଦୀ

ହଜୁର୍ ଆଲୈହିସ୍ ସଲାତୁ ୱସ୍ ସଲାମ୍ ଭାଷିଛନ୍ତି ଯେ ଗୋଟିଏ ଯୁଗ ହେଉଛି ମୋର ଯାହା ବର୍କତ୍ ବାଲା (ଅର୍ଥାତ୍ ବୈଭବ୍ପୂର୍ଣ୍ଣ) ଏବଂ ଆଉ ଗୋଟିଏ ଯୁଗ ହେଉଛି ଆସିବାକୁ ଥିବା ମସିହ୍ ଓ ମେହେଦୀଙ୍କ (ଯୁଗ) । ମସିହ୍ ଓ ମେହେଦୀ ଦୁଇଟି ଅଲଗା ଅଲଗା ବ୍ୟକ୍ତି ନୁହନ୍ତି । ଏହାର ଅର୍ଥ ହୋଇଛି ଏକ । ମେହେଦୀ (ଶବ୍ଦଟି)ର ଅର୍ଥ ହେଉଛି ହିଦାୟତ (ଅର୍ଥାତ୍ ଆଧ୍ୟାତ୍ମିକ ଜ୍ଞାନ) ପ୍ରାପ୍ତ କରିଥିବା ବ୍ୟକ୍ତି । କେହି ଏ କଥା କହିପାରିବେ ନାହିଁ ଯେ ମସିହ ମେହେଦୀ ନୁହନ୍ତି । ମେହେଦୀ ମସିହ୍ ହୁଅନ୍ତୁ ବା ନ ହୁଅନ୍ତୁ କିନ୍ତୁ ମସିହ୍ଙ୍କ ମେହେଦୀ ହେବାର ଅସ୍ୱୀକାର କରିବା ମୁସଲମାନ ମାନଙ୍କ କାର୍ଯ୍ୟ ନୁହେଁ । ଅସଲରେ ଅଲ୍ଲାଃ ତାଲା ଏହି ଦୁଇଟି ଶବ୍ଦକୁ ଗାଳି ଗୁଲଜର ମୁକାବିଲାରେ ଏପରି ରଖିଛନ୍ତି କି ସେ କାଫିର୍ (ଅର୍ଥାତ୍ ଅମାନ୍ୟକାରୀ), ଜାଲ୍ଲ (ଅର୍ଥାତ୍ ପ୍ରଥଭ୍ରଷ୍ଟକାରୀ) ଏବଂ ମୁଜିଲ୍ଲ(ଅର୍ଥାତ୍ ପଥଭ୍ରଷ୍ଟ) ନୁହଂନ୍ତି ବରଂ ମେହେଦୀ (ଅର୍ଥାତ୍ ପଥପଦର୍ଶକ) ଅଟନ୍ତି । ଯେହେତୁ ତା'ର (ଅର୍ଥାତ୍ ଅଲ୍ଲାଃଙ୍କର) ଜ୍ଞାତ ସାରରେ ଥିଲା ଯେ ଆସିବାକୁ ଥିବା ମସିହ୍ ଓ ମେହେଦୀଙ୍କୁ ଦଜ୍ଜାଲ ୱ ଗୁମ୍ରାହ୍ (ଅର୍ଥାତ୍ ପଥଭ୍ରଷ୍ଟକାରୀ ଓ ପଥଭ୍ରଷ୍ଟ) କୁହାଯିବ ତେଣୁ ତାଙ୍କୁ ମସିହ ୱ ମେହେଦୀ କୁହାଗଲା । ଦଜ୍ଜାଲ୍ର ସମ୍ବନ୍ଧ ***ଅଖ୍ଲଦା ଇଲଲ୍ ଅର୍ଜି*** (ଅଲ୍ଆରାଫ୍: ୧୭୭) ସହିତ ଥିଲା ଏବଂ (ଏହାର ବିପରିତ) ମସିହ୍ଙ୍କୁ ଆକାଶକୁ ଉଠିବାକୁ ଥିଲା । ସୁତରାଂ ଯାହା କିଛି ଅଲ୍ଲାଃ ତାଲା ଚାହିଁଥିଲେ ତାହାର ସମ୍ପୁର୍ଣ୍ଣତା ଦୁଇଟି ଯୁଗରେ ହେବାର ଥିଲା । ଗୋଟିଏ ଆପଣ ସ:ଆ:ସଙ୍କ ଯୁଗ (ଅର୍ଥାତ୍ ଆଁ ହଜ୍ରତ୍ ସ:ଆ:ସଙ୍କ ଯୁଗ) ଆଉ ଗୋଟିଏ ଶେଷ ମସିହ ଓ ମେହେଦୀଙ୍କ ଯୁଗ । ଅର୍ଥାତ୍ ଗୋଟିଏ ଯୁଗରେ ତ ପବିତ୍ର କୋରାନ୍ ଓ ସତ୍ୟ ଶିକ୍ଷା ଅବତୀର୍ଣ୍ଣ ହେଲା କିନ୍ତୁ ଏ ଶିକ୍ଷା ଉପରେ **ଫଏଜ୍ ଆଓ୍ୱେଜ୍** ଯୁଗରେ ପରଦା ପଡ଼ିଗଲା । ଯେଉଁ ପରଦାକୁ ଉଠାଇ ଦିଆଯିବାର କାର୍ଯ୍ୟ ମସିହ୍ଙ୍କ ଯୁଗରେ ନିୟତି ଥିଲା । ଯେପରି ସେ କହିଛନ୍ତି ଯେ ରସୁଲେ କରିମ ସ:ଆ:ସ ପ୍ରଥମତଃ ଉପସ୍ଥିତ ଯମାତ ଅର୍ଥାତ୍ ସାହାବା କରାମ୍ଙ୍କ ଯମାତ୍କୁ ପବିତ୍ର କରାଇଲେ (ଅର୍ଥାତ୍ ପଥ ପଦର୍ଶକ କରି ସୁଗୁଣର ଅଧିକାରୀ କରାଇଦେଲେ ଓ ଆସିବାକୁ ଥିବା ଯମାତ୍କୁ (ମଧ ପବିତ୍ର) କରାଇଲେ ଯାହାଙ୍କ ସମ୍ମାନରେ **ଲମ୍ମା ୟଲ୍ହକୁ ବିହିମ୍** (ଯୁମ୍ମାଃ: ୪) ଆସିଛି । ସୁତରାଂ ପ୍ରକାଶ୍ୟ ଯେ ଖୁଦା ଏ ସୁସମାଚାର ଦେଇଛନ୍ତି ଯେ ଜଲାଲତ (ଅର୍ଥାତ୍ ପଥଭ୍ରଷ୍ଟତା) ସମୟରେ ଅଲ୍ଲାଃ ତାଲା ଏ ଧର୍ମକୁ ନଷ୍ଟ କରିବେ ନାହିଁ ବରଂ ଆସିବାକୁ ଥିବା ଯୁଗରେ ଖୁଦା ତାଲା ପବିତ୍ର କୋରାନ୍ ସତ୍ୟାସତ୍ୟକୁ (ପରିପ୍ରକାଶ କରି) ଖୋଲି ଦେବେ । ଆସାର୍ରେ ବର୍ଣ୍ଣିତ ଅଛି କି ଆସିବାକୁ ଥିବା ମସିହଙ୍କର ଗୋଟିଏ ଶ୍ରେଷ୍ଠତ୍ୱ ଏହା ହେବ କି ସେ ପବିତ୍ର କୋରାନ୍ର ଅର୍ଥ ଓ ଜ୍ଞାନକୁ ଭଲ ଭାବେ ଜାଣିଥିବେ ଏବଂ କେବଳ କୋରାନ୍ରୁ ଅର୍ଥ ବାହାର କରି ଲୋକମାନଙ୍କୁ ତାଙ୍କର ଭୁଲ ସମ୍ବନ୍ଧରେ ସଚେତନ କରିବେ ଯାହା କୋରାନ୍ର ସତ୍ୟାସତ୍ୟକୁ ନଜାଣିବା ଦ୍ୱାରା ଲୋକମାନଙ୍କ ମଧ୍ୟରେ ସୃଷ୍ଟି ହୋଇଯାଇଥିବ ।

## ମୁସାଙ୍କ ସମ୍ପ୍ରଦାୟ ଓ ମୁହମ୍ମଦ ସ:ଆ:ସଙ୍କ ସମ୍ପ୍ରଦାୟ ମଧ୍ୟରେ ସମାନତା

ପବିତ୍ର କୋରାନ୍ରେ ରସୁଲେ ଅକ୍ରମ୍ ସ:ଆ:ସଙ୍କୁ ମସିଲେ ମୁସା (ଅର୍ଥାତ୍ ମୁସାଙ୍କ ଅନୁରୂପ) ଅଭିହିତ କରାଯାଇଛି । **ଇନ୍ନା ଆର୍ସଲ୍ନା ଇଲୈକୁମ୍ ରସୁଲନ୍ ଶାହିଦନ୍ ଆଲୈକୁମ୍ କମା ଅର୍ସଲ୍ନା ଇଲା ଫିରଅଓନା ରସୁଲା** (ମୁଜମ୍ମିଲ୍: ୧୬) ଅର୍ଥାତ୍ ଆମ୍ଭେ ଜଣେ ରସୁଲ ପ୍ରେରଣ କରିଅଛୁ ଯେପରି ମୁସା ଆ:ସଙ୍କୁ ଫିରୋନ୍ ଆଡ଼କୁ ପଠାଇ ଥିଲୁ । ଆମ ରସୁଲ୍ ହେଉଛନ୍ତି ମୁସାଙ୍କ ଅନୁରୂପ । ଆଉ ଏକ ସ୍ଥାନରେ (ଅଲ୍ଲାଃ ତାଲା) କହୁଛନ୍ତି: **ୱଆଦଲ୍ଲାହୁଲ୍ ଲଜିନା ଆମନୁ ମିନ୍କୁମ୍ ୱ ଅମିଲୁସ୍ ସ୍ୱାଲେହାତି ଲୟସ୍ତଖ୍ଲିଫନ୍ନହୁମ୍ ଫିଲ୍ ଅର୍ଜି କମାସ୍ ତଖ୍ଲଫଲ୍ ଲଜିନା ମିନ୍ କବ୍ଲିହିମ୍** (ନୂର: ୫୬) ଅର୍ଥାତ୍ ମସିଲେ ମୁସାଙ୍କ ଖଲିଫାମାନେ ମଧ୍ୟ ଏହି ସମ୍ପ୍ରଦାୟ ମଧ୍ୟରୁ ହେବେ ଯେମିତି ମୁସାଙ୍କ ଖଲିଫାମାନେ ଧାରାବାହିକ ରୂପେ ଆସିଥିଲେ । ସେହି ସିଲ୍ସିଲାର (ସମ୍ପ୍ରଦାୟ)ର ଅବଧି ଚଉଦ ବର୍ଷ ପର୍ଯ୍ୟନ୍ତ ଥିଲା ଓ ଅନବରତ ଖଲିଫାମାନେ ଆସିଥିଲେ । ଏହା ଅଲ୍ଲାଃ ତାଲାଙ୍କର ଏକ ପେଶଗୋଇ (ଅର୍ଥାତ୍ ଭବିଷ୍ୟବାଣୀ) ଥିଲା ଯେ ଯେଉଁଭଳି ପ୍ରଥମ ସିଲ୍ସିଲାର ଶୁଭାରମ୍ଭ ହୋଇଥିଲା । ସେହିଭଳି ଏ ସିଲ୍ସିଲାର ଶୁଭାରମ୍ଭ ହେବ । ଅର୍ଥାତ୍ ଯେଉଁଭଳି ମୁସା ପ୍ରାରମ୍ଭିକ ସମୟରେ ଦର୍ପପୂର୍ଣ୍ଣ ନିଦର୍ଶନ ଦେଖାଇଥିଲେ ଓ ଫିରୋନ୍ଠାରୁ ମୁକ୍ତ କରିଥିଲେ ସେହିଭଳି ଆସିବାକୁ ଥିବା ନବି ମଧ୍ୟ ମୁସା ଆ:ସଙ୍କ ସଦୃଶ ହେବେ । **ଫକଏଫା ତତ୍ତକୁନା ଇନ୍ କଫର୍ତୁମ୍ ୟୋମଈଁ ୟଜ୍ଅଲୁଲ ୱିଲ୍ଦାନା ଶିଇବନିସ୍ ସମାଉ ମୁନ୍ଫତିରୁମ୍ ବିହି । କାନା ୱଅଦହୁ ମଫଉଲା** (ମୁଜମ୍ମିଲ୍: ୧୮,୧୯) ଅର୍ଥାତ୍ ଯେଉଁଭଳି ଆମେ ମୁସାଙ୍କୁ ପଠାଉଥିଲୁ ସୁତରାଂ ରସୁଲେ ଅକ୍ରମ୍ ସ:ଆ:ସଙ୍କ ସମୟରେ ଆରବର କୁଫାର (ଅର୍ଥାତ୍ ଅମାନ୍ୟକାରୀମାନେ) ମଧ୍ୟ ଫିରୋନ (ରାଜାର) ଗୁଣରେ ଭରି ରହିଥିଲେ । ସେମାନେ ମଧ୍ୟ ଫିରୋନ୍ଙ୍କ ଭଳି (ଆଚରଣ କରିବାରୁ ସେ ପର୍ଯ୍ୟନ୍ତ) କ୍ଷାନ୍ତ ହେଲେ ନାହିଁ ଯେ ପର୍ଯ୍ୟନ୍ତ ସେମାନେ ଦର୍ପପୂର୍ଣ୍ଣ ନିଦର୍ଶନ ନ ଦେଖିନେଲେ । ସୁତରାଂ ଆଁ ହଜ୍ରତ ସ:ଆ:ସଙ୍କ କାର୍ଯ୍ୟ ମୁସାଙ୍କ କାର୍ଯ୍ୟ ସଦୃଶ ଥିଲା । ସେହି ମୁସାଙ୍କ କାର୍ଯ୍ୟ (ଏତେ) ପ୍ରଶଂସନୀୟ ନଥିଲା କିନ୍ତୁ ପବିତ୍ର କୋରାନ୍ ତାହା ମନାଇଦେଲା । ମୁସା ଆ:ସଙ୍କ ଯୁଗରେ ଯଦିଚ ଫିରୋନ୍ର ହାତରେ (ବନି) ଇସ୍ରାଇଲ୍କୁ ମୁକ୍ତି ମିଳିଥିଲା କିନ୍ତୁ ସେମାନେ ପାପରୁ ମୁକ୍ତି ପାଇନଥିଲେ । ସେମାନେ (ଆପୋଷରେ) ଲଢ଼ିଲେ, ମନୋମାଳିନ୍ୟତା ହେଲା ଓ ମୁସାଙ୍କ ଉପରେ ଆକ୍ରମଣ କଲେ । କିନ୍ତୁ ଆମ ନବି ସ:ଆ:ସ ସମ୍ପୂର୍ଣ୍ଣରୂପେ ନଜାତ (ଅର୍ଥାତ୍ ମୋକ୍ଷ) ପ୍ରଦାନ କଲେ । ଯଦି ରସୁଲେ ଅକ୍ରମ୍ ସ:ଆ:ସ ଶକ୍ତି, ପ୍ରତାପ ଓ ସାମ୍ରାଜ୍ୟ ଇସ୍ଲାମକୁ ନ ଦେଇଥାନ୍ତେ ତେବେ ମୁସଲମାନମାନେ ଅତ୍ୟାଚାରିତ ହୋଇ ରହିଥାନ୍ତେ ଓ କୁଫାରଙ୍କ ହାତରୁ ମୁକ୍ତି ପାଇନଥାନ୍ତେ । ସୁତରାଂ ଅଲ୍ଲାଃ ତାଲା ଗୋଟିଏ ନିଜାତ ଏହା ଦେଲେ ଯେ ଇସ୍ଲାମୀୟ ସାମ୍ରାଜ୍ୟ ସ୍ଥାୟୀ ରୂପେ ପ୍ରତିଷ୍ଠା ହୋଇଗଲା । ଦ୍ୱିତୀୟତଃ ସେମାନଙ୍କୁ ପାପରୁ ମୁକ୍ତି ମିଳିଲା । ଖୁଦାତାଲା ଦୁଇଟିଯାକର ନକ୍ସା ଟାଣିଛନ୍ତି ଯେ ଆରବର ଲୋକମାନେ ପୂର୍ବରୁ କିପରି ଥିଲେ ଓ ପୁଣି କଣ ହେଲେ । ଯଦି ଦୁଇଟିଯାକ ନକ୍ସାକୁ ଏକାଠି କରାଯାଏ ତେବେ ସେମାନଙ୍କ ପ୍ରଥମ ଅବସ୍ଥାର ଆକଳନ ହୋଇଯିବ । ତେଣୁ ଅଲ୍ଲାଃ ତାଲା ଦୁଇଟି ନିଜାତ୍ ଦେଲେ । ସଇତାନ୍ଠାରୁ ନିଜାତ (ଅର୍ଥାତ୍ ମୁକ୍ତି) ଏବଂ ତାଗୁତ୍ଠାରୁ ମଧ୍ୟ (ମୁକ୍ତି) ।

*(ମଲ୍ଫୁଜାତ୍ ଖଣ୍ଡ-୧, ପୃ-୩୪ ରୁ ୩୫, ମୁଦ୍ରଣ ୨୦୧୮ କାଦିୟାନ୍)*

## ୧୨୫ ତମ ଜଲ୍ସା ସାଲାନା କାଦିଆନ୍

ସୟଦ୍ନା ହଜ୍ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୧୨୫ ତମ ଜଲ୍ସା ସାଲାନା କାଦିଆନ୍ ନିମନ୍ତେ ୨୦୧୯ ମସିହା ଡିସେମ୍ବର୍ ତା-୨୭,୨୮,୨୯ ରିଖ (ଶୁକ୍ରବାର, ଶନିବାର, ରବିବାର) ଦିନ ଗୁଡିକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍ର ଲୋକମାନେ ବର୍ତ୍ତମାନଠାରୁ ଦୁଆ ସହିତ ଏହି ମୋବାରକ୍ ଜଲ୍ସାରେ ସାମିଲ୍ ହେବା ପାଇଁ ନିୟତ କରି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଲିଲାଃହି ଜଲ୍ସାରୁ ଲାଭବାନ୍ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏହି ଜଲ୍ସା ସାଲାନା ପ୍ରତ୍ୟେକ କ୍ଷେତ୍ରରୁ ସଫଳ ଏବଂ ବାବର୍କତ୍ ହେବାପାଇଁ ତତ୍ ସହିତ ସୌଭାଗ୍ୟଶାଳୀ ଆତ୍ମାଗୁଡିକୁ ହିଦାୟତ୍ ମିଳିବା ପାଇଁ ଦୁଆ ଜାରି ରଖନ୍ତୁ । ଜଜାକମୁଲ୍ଲାଃ **(ନାଜର୍ ଇସ୍ଲାହ ୱ ଇର୍ଶାଦ୍ ମର୍କଜିଆ କାଦିଆନ୍)**

ପ୍ରିନ୍ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

ପୃଷ୍ଠା- ୭ ର ଅବଶିଷ୍ଟାଂଶ ......



ପୃଷ୍ଠା- ୧୧ର ଅବଶିଷ୍ଟାଂଶ.....

ଅସଲାମୁ ଆଲୈକୁମ୍ କହିପାରିନଥାନ୍ତି, ଖୁତ୍‌ବା ଜୁମା ଦେଇପାରିନଥାନ୍ତି ଓ ନିଜର ଦାୟିତ୍ୱ ଗୁଡ଼ିକୁ ଖଲିଫତୁଲ୍ ମସିହ୍ ରୂପେ ନିର୍ବାହ କରିପାରି ନଥାନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଆଜି ମୁଁ ଏଠି ହୋଷ୍ଟେନରେ ଖୁତ୍‌ବା ଜୁମା ଦେଇଛି ଯାହା ସମଗ୍ର ଦୁନିଆରେ ଏଠାରୁ ଟେଲିକାଷ୍ଟ ହୋଇଛି ଓ ତାହାର ଅନୁବାଦ ଆଠଟି ଭାଷାରେ ହୋଇଅଛି । ଯେବେ କି ପାକିସ୍ତାନରେ ଏହା ସବୁ ହୋଇପାରି ନଥାନ୍ତା ।

ଏଥିରେ କଂଗ୍ରେସ ମ୍ୟାନ କହିଲେ: ଏପରି ପରିସ୍ଥିତିରେ ହଜୁର ଅନଓ୍ୱର ଅ:ବ:ଅ ଯଦି ପାକିସ୍ତାନ ଯାଆନ୍ତି ତେବେ ତାଙ୍କୁ ବନ୍ଦୀ କରାଯାଇଥାନ୍ତା ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ ସେଠାରେ ଏହି ପରି ହିଁ ହୋଇଥାଏ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ପାକିସ୍ତାନରେ ମୁଲାମାନଙ୍କର ଅଧିକ ପ୍ରଭାବ ରହିଛି । ମୁଶରଫ୍ ପରଭେଜ୍ ଯେତେବେଳେ ରାଷ୍ଟ୍ରପତି ଥିଲା ସେତେବେଳେ ସେ ଏ ନିଷ୍ପତି କରିଥିଲା ଯେ, ଏକାଠି ନିର୍ବାଚନ ହେବ ଏବଂ ଅହେମଦୀମାନେ ପାକିସ୍ତାନର ସହରୀ ହେବା ଦୃଷ୍ଟିକୋଣରୁ ଭୋଟ ଦେଇପାରିବେ । ତେବେ ଏହି ନିଷ୍ପତି ଯୋଗୁଁ ମୁଲାମାନେ ବହୁତ ହୋ ହଲ୍ଲା କଲେ ସୁତରାଂ ସେ ମୁଲାମାନଙ୍କ ସମ୍ମୁଖରେ ଆଣ୍ଠୁ ପକାଇଦେଲା ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ କୌଣସି ସରକାର ବି ହେଉ ସେମାନେ ମୁଲାମାନଙ୍କ ଚାପରେ ଆସିଯାଉଛନ୍ତି । ଏବେ ଇମ୍‌ରାନ୍ ଖାଁଙ୍କ ସରକାର ଅଛି ସେ ମଧ୍ୟ ମୁଲାମାନଙ୍କ ସମ୍ମୁଖରେ ନଇଁ ପଡ଼ିଛି । ପ୍ରଫେସର୍ ଆତିଫ୍ ମିଆଁ ଯିଏ ଏଠି ଆମେରିକାର ଗୋଟିଏ ପ୍ରଫେସର ଅଛନ୍ତି, ତାଙ୍କୁ ଇମ୍‌ରାନ୍ ଖାନ୍ ସରକାରର ଇକୋନୋମିକ୍ ଆଡ଼ଭାଇଜର୍ କାଉନସିଲରେ ରଖିଥିଲା ଏଥିରେ ମୁଲାମାନେ କୋଳାହଳ କଲେ ଯେ ଇଏତ ଅହେମଦୀ ଅଟନ୍ତି ତେଣୁ ତାଙ୍କୁ ବାହାର କର ତେଣୁ ସରକାର ତାଙ୍କୁ ବାହାର କରିଦେଲା ଓ କହିଲା ଯେ ନିଜର ଇସ୍ତଫା ଦେଇ ଦିଅ । ଆମେ ମୁଲାମାନଙ୍କର ମୁକାବିଲା କରିପାରିବୁ ନାହିଁ । ସାକ୍ଷାତକାରର ଶେଷରେ କଂଗ୍ରେସ ମ୍ୟାନ ନିବେଦନ କଲେ ଯେ, ହଜୁର ଅନଓ୍ୱର ଅ:ବ:ଅ ଏ ପୃଥିବୀରୁ ଚରମପନ୍ଥୀ ଶେଷ ହେବା ଏବଂ ଆମେରିକାରେ ଶାନ୍ତି ପ୍ରତିଷ୍ଠା ପାଇଁ ବିଶେଷ ରୂପେ ଦୁଆ କରନ୍ତୁ ଏବଂ ଏ ନିବେଦନ କଲେ ଯେ, ହଜୁର ଅନଓ୍ୱର ଅ:ବ:ଅ ଏବେ ଆମ ପାଇଁ ଦୁଆ କରନ୍ତୁ । ହଜୁର ଅନଓ୍ୱର ଅ:ବ:ଅ ଦୁଆ କଲେ ଯେ, ଅଲ୍ଲାଃ ତାଲା ଏ ପୃଥିବୀରୁ ଚରମପନ୍ଥୀମାନଙ୍କୁ ଶେଷ କରିଦିଅନ୍ତୁ । ଏବଂ ପୃଥିବୀରେ ଶାନ୍ତି ସ୍ଥାପନ ହେଉ ।

ସାକ୍ଷାତକାରର ଶେଷରେ କଂଗ୍ରେସ କର୍ମୀ ନିବେଦନ କଲେ କି ସମସ୍ତ ମୁସଲମାନ ସମ୍ପ୍ରଦାୟକୁ ବରଂ ସମଗ୍ର ସଂସାରକୁ ହଜୁର ଅନଓ୍ୱର ଅ:ବ:ଅଙ୍କ ମାର୍ଗଦର୍ଶନ ଏବଂ ବାର୍ତାର ଆବଶ୍ୟକତା ରହିଛି ।

ଶେଷରେ ସେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ । ଏହି ସାକ୍ଷାତକାର ୫.୧୫ ମିନିଟ୍‌ରେ ଶେଷ ହୋଇଗଲା ।

### ମସ୍‌ଜିଦ୍ ବଇତୁସ୍ ସମି ର ସ୍ମୃତିଫଳକ ଉନ୍ମୋଚନ ଉତ୍ସବ

ଏହା ପରେ ପ୍ରୋଗ୍ରାମ ମୁତାବକ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍‌ର ବ୍ୟାହ୍ୟ ଭାଗରେ ପହଂଚିଲେ ଓ ମସ୍‌ଜିଦ୍‌ର ବ୍ୟାହ୍ୟ କାନ୍ଥରେ ଖଞ୍ଜାଯାଇଥିବା ଗୋଟିଏ ସ୍ମୃତି ଫଳକକୁ ଉନ୍ମୋଚନ କରାଇଲେ ଓ ଦୁଆ କରାଇଲେ । ସେହି ଫଳକରେ ନିମ୍ନଲିଖିତ ବାକ୍ୟ ଲେଖାଯାଇଥିଲା ।

''୩୦ ଜୁନ୍ ୧୯୯୮ ମଙ୍ଗଳବାର ଦିନ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ଏହି ମସ୍‌ଜିଦ୍‌ର ଶିଳାନ୍ୟାସ କରିଥିଲେ । ଉକ୍ତ ମସ୍‌ଜିଦ୍‌ର ଉଦ୍‌ଘାଟନ ପୂର୍ବତନ ଅମୀର ଯମାତ୍ ଆମେରିକା ମୁକରମ୍ ଡ଼ାକ୍ତର ଏହେସାନୁଲ୍ଲାଃ ଜଫର ସାହେବ ପବିତ୍ର ଯୁମା ଦିନ ୨ ଏପ୍ରିଲ୍ ୨୦୦୪ ମସିହାକୁ କରିଥିଲେ । ସେହି ଅବସରରେ ହଜ୍‌ରତ୍ ଖଲିଫତୁଲ୍ ଖାମିସ୍ ଅ:ବ:ଅ ନିମ୍ନଲିଖିତ ବାର୍ତା ପଠାଇଥିଲେ ।

''ଅଲ୍‌ହମ୍‌ଦୁଲିଲ୍ଲାଃ ଯେ ଯମାତ୍ ଅହେମଦିୟା ହୋଷ୍ଟନକୁ ଗୋଟିଏ ସୁନ୍ଦର ମସ୍‌ଜିଦ୍ ନିର୍ମାଣ କରିବାପାଇଁ ସୌଭାଗ୍ୟ ମିଳିଛି । ଅଲ୍ଲାଃ ବହୁତ ବହୁତ ମୁବାରକ୍ କରନ୍ତୁ ଏବଂ ସମଗ୍ର ମାଲି କୁର୍ବାନୀ କରିଥିବା ଲୋକମାନଙ୍କୁ ଉତମ ପୁରସ୍କାର ପ୍ରଦାନ କରନ୍ତୁ ଓ ତାଙ୍କର ଧନ ସମ୍ପତି ଓ ଜୀବନରେ ବରକତ୍ ପ୍ରଦାନ କରନ୍ତୁ । ଏବଂ ସେମାନଙ୍କ ଧନ ସମ୍ପତିରେ ବରକତ୍ ଦିଅନ୍ତୁ । ସେହିପରି ମସ୍‌ଜିଦ୍ ସହିତ ସମ୍ବନ୍ଧିତ ସମସ୍ତ ବରକତ୍‌ରୁ ଏହି ଇଲାକା, ଏହି ସହର ଏବଂ ଯମାତ୍ ଅହେମଦୀୟାର ପ୍ରତ୍ୟେକ ସଦସ୍ୟଙ୍କୁ ଏଥିରୁ ଲାଭ ପାଆନ୍ତୁ ।

ମସ୍‌ଜିଦ୍ ନିର୍ମାଣ କରିବାର ଅସଲ ଉଦ୍ଦେଶ୍ୟ ହେଉଛି ଏହା କି ଯେ ସେଥିରେ ଖୁଦାଙ୍କ ଭକ୍ତ ଏକ ଓ ଅଦ୍ୱିତୀୟ ଖୁଦାଙ୍କ ଉପାସନା ନିମନ୍ତେ ଏକତ୍ରିତ ହୁଅନ୍ତି ଏବଂ ମସ୍‌ଜିଦ୍‌ର ଅସଲ ସୌନ୍ଦର୍ଯ୍ୟ ସେଥିରେ ନମାଜ ପଢୁଥିବା ଲୋକମାନଙ୍କ ସହିତ ହିଁ ଯୋଡ଼ି ହୋଇ ରହିଛି । ସୁତରାଂ ଆପଣ ମାନଙ୍କର ଅସଲ କାର୍ଯ୍ୟ ଏବେ ଆରମ୍ଭ ହୋଇଚି ଯେ, ଆପଣ ମାନେ କେବଳ ଅଲ୍ଲାଃଙ୍କ ଖାତିର୍ ଉପାସନା କରିଥିବା ନମାଜିମାନଙ୍କ ଦ୍ୱାରା ସେହି ମସ୍‌ଜିଦ୍‌କୁ ଆବାଦ କରିବା । ଅଲ୍ଲାଃ ତାଲା ଆପଣଙ୍କୁ ବିଶେଷ ରୂପେ ଉପାସନା କରୁଥିବା ଭକ୍ତମାନଙ୍କ ମଧ୍ୟରେ ସାମିଲ କରନ୍ତୁ ଏବଂ ଏହି ମସ୍‌ଜିଦ ଏହିପରି ଉପାସନା କାରି ଭକ୍ତମାନଙ୍କ ଦ୍ୱାରା ପରିପୂର୍ଣ୍ଣ ରହୁ ।''

ଆଜି ୨୧ ଅକ୍ଟୋବର ରବିବାର ଦିନ ଏହି ଫଳକଟି ହଜ୍‌ରତ୍ ମିର୍ଜା ମସ୍‌ରୁର୍ ଅହ୍‌ମଦ୍ ସାହେବ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ପ୍ରଥମ ଐତିହାସିକ ଗସ୍ତର ସ୍ମୃତି ରୂପେ ଲଗାଯାଉଅଛି ।

ଫଳକର ଉନ୍ମୋଚନ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜର ଦଫତରକୁ ଚାଲିଗଲେ ।

⌘⌘⌘⌘⌘⌘⌘⌘⌘⌘⌘⌘

## ପରମାଣୁ ବୋମା ଉତାପର କୁପ୍ରଭାବରୁ ସୁରକ୍ଷା ରହିବା ନିମନ୍ତେ ହୋମିଓପାଥିକ୍ ଔଷଧ

ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଦୟା ପରବଶ ହୋଇ ପରମାଣୁ ଉତାପର କୁପ୍ରଭାବରୁ ସୁରକ୍ଷା ପାଇବା ପାଇଁ ପୂର୍ବରକ୍ଷା ସ୍ୱରୂପ ନିମ୍ନରେ ଦିଆଯାଇଥିବା ଔଷଧକୁ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ୍ ଦେଇଛନ୍ତି । ତତ୍ ସହିତ ଏହା ମଧ୍ୟ କହିଲେ ଯେ ଦୁଆ କର ଯେ ଅଲ୍ଲାଃତାଲା ପ୍ରତ୍ୟେକ ବିଶେଷ ଓ ସାଧାରଣଙ୍କୁ ନିଜର ସୁରକ୍ଷାରେ ରଖନ୍ତୁ । ଆମିନ୍ !

### ହୁ ଓ୍ୱଶ୍ ଶାଫି

**ବୟସ୍କ ଲୋକମାନଙ୍କ ନିମନ୍ତେ:-**

(1)Carcinosin CM (2)Radium Brom CM

**୧୦ ରୁ ୧୫ ବର୍ଷ ପିଲାମାନଙ୍କ ନିମନ୍ତେ:-**

(1)Carcinosin 100 (2)Radium Brom 1000

**୧୦ ରୁ କମ୍ ବୟସର ପିଲାମାନଙ୍କ ନିମନ୍ତେ:-**

(1)Carcinosin 200 (2)Radium Brom 200

ପ୍ରଥମ ସପ୍ତାହରେ ୧ ନଂ ଔଷଧରୁ ଏକ ପାନ ଖାଇବେ ଏବଂ ଦ୍ୱିତୀୟ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ତୃତୀୟ ସପ୍ତାହରେ ୧ନଂ ଔଷଧରୁ ଏକ ପାନ ଖାଇବେ ଓ ଚତୁର୍ଥ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ଏହି ଅନୁକ୍ରମରେ ଛୋଟ ପିଲାମାନେ ଓ ବୟସ୍କମାନେ ଦୁଇଟି ଯାକ ଔଷଧରୁ ୩ ରୁ ୪ ପାନ ଲେଖାଏଁ ଖାଇବେ ।

(ହଫିଜ୍ ଅହେମଦ୍ ଭଟି, ଲଣ୍ଡନ୍, ହୋମିଓପାଥିକ୍ ଡ଼ିପାର୍ଟମେଂଟ୍ ୟୁ.କେ)

(ଅଖବାର୍ ଅଲ୍‌ଫଜଲ୍ ଇଂଟରନ୍ୟାସିନାଲ୍ ୧୨ ମଇ ୨୦୧୭ ଙ୍କୁ ଧନ୍ୟବାଦ ।)

## ଖୁଦାତାଲାଙ୍କ ନିକଟରେ ନିଜର ନିଷ୍ଠା ଓ ଭକ୍ତିଭାବକୁ ଦେଖାଅ । ପବିତ୍ର କୋରାନ୍‌ର ପ୍ରକୃତ ଉଦ୍ଦେଶ୍ୟକୁ ଜାଣ ଓ ତା ଉପରେ ପରିଚାଳିତ ହୁଅ ।

**ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିଜ ଜମାତ୍‌ଠାରୁ ଆଶାପୋଷଣ**

ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ କହୁଛନ୍ତି:-

ମନେରଖ ଆମ ଜମାତ୍ ଏକଥା ପାଇଁ ନୁହେଁ ଯେପରି ସାଧାରଣ ସାଂସାରିକ (ବ୍ୟକ୍ତି) ଜୀବନ ବିତାଇଥାଏ । କେବଳ ମୁହଁରୁ କହିଥାଏ ଯେ ଆମେ ଏହି ସିଲ୍‌ସିଲାରେ ଦାଖିଲ୍ ଅଛୁ । ଏବଂ ଅମଳ (କାର୍ଯ୍ୟ)ର ଆବଶ୍ୟକତାକୁ ବୁଝୁନାହିଁ ଯେପରି ଦୁର୍ଭାଗ୍ୟ ବଶତଃ ମୁସଲମାନ୍ ମାନଙ୍କର ଏପରି ଅବସ୍ଥା ଯେ (ଯେବେ ତାଙ୍କୁ) ପଚାର କି ତୁମେ ମୁସଲମାନ୍ ଅଟ ? ସେତେବେଳେ ସେ କହିଥାନ୍ତି ଶୁକର୍ ଅଲ୍‌ହମ୍‌ଦୋଲିଲ୍ଲାଃ । କିନ୍ତୁ ନମାଜ ପଢ଼ନ୍ତି ନାହିଁ ଏବଂ ଅଲ୍ଲାଃଙ୍କ ଚିହ୍ନର ସମ୍ମାନ କରନ୍ତି ନାହିଁ ସୁତରାଂ ମୁଁ ତୁମଠାରୁ ଏହା ଚାହୁଁନାହିଁ ଯେ କେବଳ ମୁହଁଦ୍ୱାରା ମାନିନିଅ ଓ କାର୍ଯ୍ୟ କରି କିଛି ଦେଖାଅନାହିଁ । ଏହା ହେଉଛି ନିକମା ମାନଙ୍କ ଅବସ୍ଥା । ଖୁଦାତାଲା ଏହା ପସନ୍ଦ କରେନାହିଁ । ପୃଥିବୀର ଏପରି ଅବସ୍ଥା ଏହା ଚାହୁଁଥିଲା କି ଖୁଦାତାଲା ମୋତେ ଇସ୍‌ଲାହ୍ (ସଂସ୍କାର) ନିମନ୍ତେ ଛିଡା କଲା । ତେଣୁ ଏବେ ଯଦି କୌଣସି (ବ୍ୟକ୍ତି) ମୋ ସହିତ ସମ୍ପର୍କ ରଖି ମଧ୍ୟ ନିଜ ଅବସ୍ଥାରେ ସୁଧାର ଆଣୁନାହିଁ ଏବଂ କାର୍ଯ୍ୟଶକ୍ତିରେ ଉନ୍ନତି ଆଣୁନାହିଁ ବରଂ ମୁହଁଦ୍ୱାରା ମାନିଯିବାକୁ ହିଁ ଯଥେଷ୍ଟ ମଣୁଛି ସେ ଏପରି ଅଟେ ଯେପରି ନିଜର କାର୍ଯ୍ୟଦ୍ୱାରା ମୋ ଅନାବଶ୍ୟକତା ଉପରେ ଜୋର୍ ଦେଉଅଛି । ପୁଣି ତୁମେ ଯଦି ନିଜ କାର୍ଯ୍ୟଦ୍ୱାରା ପ୍ରମାଣ କରିବାକୁ ଚାହୁଁଛ ଯେ ମୋ ଆସିବା ନିରର୍ଥକ ତେବେ ପୁଣି (ଯଦି) ମୋ ସହିତ ସମ୍ପର୍କ ରଖିବାର ଅର୍ଥ କଣ ? ମୋ ସହିତ ସମ୍ପର୍କ ସୃଷ୍ଟି କରୁଛ ତେବେ ମୋର ଲକ୍ଷ ଓ ଉଦ୍ଦେଶ୍ୟକୁ ପୂରଣ କର ଓ ତାହା ହେଉଛି ଏହା ଯେ ଖୁଦାତାଲାଙ୍କ ନିକଟରେ ନିଜର ନିଷ୍ଠା ଓ ଭକ୍ତିକୁ ଦେଖାଅ ଏବଂ ପବିତ୍ର କୋରାନ୍‌ର ଶିକ୍ଷା ଉପରେ ସେହିପରି ପରିଚାଳିତ ହୁଅ ଯେଉଁପରି ରସୁଲୁଲ୍ଲାଃ ସ:ଆ:ସ କରି ଦେଖାଇଛନ୍ତି ଏବଂ ସାହାବାମାନେ ମଧ୍ୟ କରିଛନ୍ତି । ପବିତ୍ର କୋରାନ୍‌ର ପ୍ରକୃତ ଉଦ୍ଦେଶ୍ୟକୁ ଜାଣ ଏବଂ ତା ଉପରେ ପରିଚାଳିତ ହୁଅ । ଖୁଦାତାଲାଙ୍କ ନିକଟରେ ଏତିକି କଥା ଯଥେଷ୍ଟ ହୋଇପାରେନା ଯେ ମୁହଁରେ ମାନିନେବା ଓ କାର୍ଯ୍ୟରେ କୌଣସି ଆଲୋକ ଓ ଉତ୍ସୁକତା ନମିଳିବା । ମନେରଖ ଯେ ଯେଉଁ ଜମାତ୍‌କୁ ଖୁଦାତାଲା ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି ତାହା ବିନା କାର୍ଯ୍ୟରେ ଜୀବିତ ରହିପାରିବ ନାହିଁ । *(ମଲ୍‌ଫୁଜାତ୍, ଖଣ୍ଡ-୨, ପୃଷ୍ଠା-୨୨୨)*

(ନଜାରତ୍ ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍)

# : ଖୁତ୍‌ବା ଜୁମା :

## ''ଏହା ଖୁଦାଙ୍କ ରୋବ (ଅର୍ଥାତ୍ ଭୟ) ଯାହାକୁ ସେ କୁଫଫାରଙ୍କ ହୃଦୟରେ ପ୍ରଭାବ ପକାଇଲା''

## ''ଅଲ୍ଲାଃ ତାହାକୁ ସାହାଯ୍ୟ କରିଥାନ୍ତି ଯିଏ ଅଲ୍ଲାଃଙ୍କୁ ସାହାଯ୍ୟ କରିଥାଏ ଏବଂ ଅଲ୍ଲାଃ ତାକୁ ଲଜ୍ଜିତ କରିଥାଏ ଯିଏ ତାହାର ଅସ୍ୱୀକାର କରେ''

**ନିଷ୍ଠା ଓ ଭକ୍ତିଭାବରେ ପରିପୂର୍ଣ୍ଣ ଆଁ ହଜ୍‌ରତ୍ ସ:ଆ:ସଙ୍କ ବଦ୍‌ରୀ ସାହାବାଗଣ**

**ହଜ୍‌ରତ୍ ଉବୈଦ୍ ବିନ୍ ଅବୁ ଉବୈଦ୍ ଅନ୍‌ସାରୀ ଅଓସି, ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ନୁମାନ୍ ବିନ୍ ବଲ୍‌ଦମାଃ**

**ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ଉମୈର, ହଜ୍‌ରତ୍ ଅମରୋ ବିନ୍ ହାରିସ୍, ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ କାଆବ୍, ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ କୈସ୍, ହଜ୍‌ରତ୍ ସଲ୍‌ମା ବିନ୍ ଅସ୍‌ଲମ୍, ହଜ୍‌ରତ୍ ଅକବା ବିନ୍ ଉସ୍‌ମାନ୍, ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ସହଲ୍, ହଜ୍‌ରତ୍ ଉତ୍‌ବା ବିନ୍ ରବିୟା ରଜିୟଲ୍ଲାହୁ ଅନ୍‌ହୁମ୍ ୱ ରଜୁ ଅନ୍‌ହୁଙ୍କ ପବିତ୍ର ଜୀବନ ଚରିତର ମନମୁଗ୍ଧକାରୀ ଚର୍ଚ୍ଚା ।**

**ହଜ୍‌ରତ୍ ସାହାବ୍‌ଜାଦାଃ ମିର୍ଜା ବଶୀର୍ ଅହମଦ ସାହେବ ର:ଅଙ୍କ ନାତୁଣୀ ଏବଂ ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ:ବ:ଅଙ୍କ ମାଈଁ ମୁକ୍‌ରମା ସାହାବଜାଦୀ ସବିହାଃ ବେଗମ୍ ସାହିବା ପତ୍ନୀ ମୋହ୍‌ତରମ୍ ସାହାବଜାଦା ମିର୍ଜା ଅନଓ୍ୱର ଅହମଦ ସାହେବଙ୍କ ଦେହାନ୍ତରେ ତାଙ୍କର ଉତମ ଗୁଣାବଳୀର ଚର୍ଚ୍ଚା ଓ ନମାଜ ଯୁମା ପାଠପରେ ତାଙ୍କର ନମାଜ ଯନାଜାଃ ଗାଏବ୍ ପାଠ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୦୩ ମଇ ୨୦୧୯ ଅନୁଯାୟୀ ୦୩ ହିଜ୍‌ରତ୍ ୧୩୯୮ ହିଜ୍‌ରି ଶମ୍‌ସି)**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيْكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ۔
اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ଆଜି ଯେଉଁ ବଦ୍‌ରୀ ସାହାବାମାନଙ୍କର ଏଠାରେ ଚର୍ଚ୍ଚା କରାଯିବ ସେମାନଙ୍କ ଭିତରୁ ପ୍ରଥମ ନାମ ହେଉଛି ହଜ୍‌ରତ୍ ଉବୈଦ୍ ର:ଅ । ତାଙ୍କର ପୁରା ନାମ ହେଉଛି ହଜ୍‌ରତ୍ ଉବୈଦ୍ ବିନ୍ ଅବୁ ଉବୈଦ୍ ଅନ୍‌ସାରୀ ଅଓସି ର:ଅ । ଇବ୍‌ନେ ହୁଶାମ୍‌ଙ୍କ ଅନୁସାରେ ସେ କବିଲା ଅଓସ୍‌ର ବନୁ ଉମୈୟା କୁଟୁମ୍ବ ସହିତ ସମ୍ପର୍କ ରଖିଥିଲେ । ହଜ୍‌ରତ୍ ଉବୈଦ୍ ର:ଅ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ବଦର୍, ଓ୍ୱହଦ୍ ଏବଂ ଖନ୍ଦକ ଯୁଦ୍ଧରେ ସାମିଲ ହୋଇଥିଲେ । *(ଉସଦୁଲ୍ ଗାବାଃ ଫି ମାରଫତୁସ୍ ସାହାବା..... ଖଣ୍ଡ-୩, ପୃଷ୍ଠା-୫୩୮-୫୩୯, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୨୦୦୩) (ତବକାତୁଲ୍ କୁବ୍‌ରା, ଲେ ଇବ୍‌ନେ ସାଆଦ୍ ଖଣ୍ଡ-୩, ପୃଷ୍ଠା-୨୪୩......... ମୁଦ୍ରଣ ଦାରୁଲ୍ ଅହ୍‌ୟା ତୁରାସୁଲ୍ ଅରବୀ ବେରୁତ ଲେବ୍‌ନାନ୍ ୧୯୯୬) (ସିରତୁଲ୍ ନବ୍ୱିୟା ଲେ ଇବ୍‌ନେ ହୁଶାମ୍ ପୃ-୪୬୫...... ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ଲେବ୍‌ନାନ୍ ୨୦୦୧)* ଏହାଠାରୁ ଅଧିକା କିଛି ତାଙ୍କ ସମ୍ବନ୍ଧରେ ବିବରଣୀ ମିଳୁନାହିଁ ।

ଦ୍ୱିତୀୟ ସାହାବୀଙ୍କ ନାମ ହେଉଛି ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ନୋମାନ୍ ବିନ୍ ବଲ୍‌ଦମାଃ ର:ଅ । ହଜ୍‌ରତ୍ ଅବଦୁଲ୍ଲାଃଙ୍କ ଦାଦା (ଜେଜେ)ଙ୍କ ନାମ ବଲ୍‌ଦମାଃ ବା ବଲ୍‌ଜମାଃ ମଧ୍ୟ ବର୍ଣ୍ଣିତ ଅଛି । ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ନୋମାନ୍ ର:ଅଙ୍କ ସମ୍ବନ୍ଧ ଅନ୍‌ସାରର କବିଲା ଖଜ୍‌ରଜ୍‌ର ବନୁ ଖୁନାସ୍ କୁଟୁମ୍ବ ସହିତ ଥିଲା । *(ସିରତୁଲ୍ ନବ୍ୱିୟା ଲେ ଇବ୍‌ନେ ହୁଶାମ୍ ପୃ-୪୭୧...... ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୧) (ଅଲ୍ ଅସାବା ଫି ତମିଜିସ୍ ସାହାବା, ଖଣ୍ଡ-୪ ପୃଷ୍ଠା-୨୧୩, ଅବଦୁଲ୍ଲାଃ ବିନ୍ ନୋମାନ୍ , ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ୨୦୦୫)*

ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ନୋମାନ୍ ର:ଅ ହଜ୍‌ରତ୍ ଅବୁ କତାଦାଃ ର:ଅଙ୍କ ଚାଚା ପୁଅ ଭାଇ ଥିଲେ । ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ନୋମାନ୍ ର:ଅଙ୍କୁ ବଦର୍ ଏବଂ ଓ୍ୱହଦ୍ ଯୁଦ୍ଧରେ ସାମିଲ ହେବାର ସୌଭାଗ୍ୟ ମିଳିଛି । *(ତବକାତୁଲ୍ କୁବ୍‌ରା, ଲେ ଇବ୍‌ନେ ସାଆଦ୍ ଖଣ୍ଡ-୩, ପୃଷ୍ଠା-୨୯୩...... ମୁଦ୍ରଣ ଦାରୁଲ୍ ଅହ୍‌ୟା ତୁରାସୁଲ୍ ଅରବୀ ବେରୁତ୧୯୯୬)*

ପୁଣି ଯେଉଁ ସାହାବୀଙ୍କର ଏଠାରେ ଚର୍ଚ୍ଚା କରାଯିବ ତାଙ୍କର ନାମ ହେଉଛି ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ଉମୈର୍ ର:ଅ । ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ଉମୈର୍ ର:ଅଙ୍କ ସମ୍ବନ୍ଧ କବିଲା ବନୁ ଯିଦାରାଃ ସହିତ ଥିଲା । ସେ ବଦର୍ ଯୁଦ୍ଧରେ ସାମିଲ ହୋଇଥିଲେ । ଗୋଟିଏ କଥନ ମୁତାବକ ତାଙ୍କ ବାପାଙ୍କ ନାମ ଉମୈର୍ ପରିବର୍ତେ ଉବୈଦ୍ ମଧ୍ୟ ବର୍ଣ୍ଣନା ହୋଇଛି । ସେହିପରି କିଛି ଲୋକେ ତାଙ୍କ ଜେଜେଙ୍କ ନାମ ଅଦି ବୋଲି ବର୍ଣ୍ଣନା କରିଛନ୍ତି ଯେବେ କି ଆଉ କିଛି ଲୋକେ ହାରିସାଃ ବୋଲି ବର୍ଣ୍ଣନା କରିଛନ୍ତି । ଇବ୍‌ନେ ହୁଶମ୍ ତାଙ୍କ କବିଲା ବନୁ ଜିଦାରା ବୋଲି ବର୍ଣ୍ଣନା କରିଛନ୍ତି ଯେବେ କି, ଇବ୍‌ନେ ଇସାହକ୍ ବନୁ ହାରିସା ବୋଲି ବର୍ଣ୍ଣନା କରିଛନ୍ତି । *(ତବକାତୁଲ୍ କୁବ୍‌ରା, ଲେ ଇବ୍‌ନେ ସାଆଦ୍, ଅବଦୁଲ୍ଲାଃ ବିନ୍ ଉମୈର୍ ଖଣ୍ଡ-୩, ପୃଷ୍ଠା-୨୭୭......... ମୁଦ୍ରଣ ଦାରୁଲ୍ ଅହ୍‌ୟା ତୁରାସୁଲ୍ ଅରବୀ ବେରୁତ ଲେବ୍‌ନାନ୍ ୧୯୯୬) (ସିରତୁଲ୍ ନବ୍ୱିୟା ଲେ ଇବ୍‌ନେ ହୁଶାମ୍ ପୃ-୪୬୭...... ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ଲେବ୍‌ନାନ୍ ୨୦୦୧) (ଅଲ୍ ଅସାବା ଫି ତମିଜିସ୍ ସାହାବା, ଲେ ଇବ୍‌ନେ ହଜର୍ ଅସ୍‌କଲାନୀ ଖଣ୍ଡ-୪ ପୃଷ୍ଠା-୧୭୨, ଅବଦୁଲ୍ଲାଃ ବିନ୍ ଉମୈର୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ୨୦୦୫)* ଏହି ଦୁଇଜଣ ଯାକ ଐତିହାସିକ ଥିଲେ ।

ପୁଣି ଯେଉଁ ସାହାବୀଙ୍କର ନାମ ଏଠାରେ ଚର୍ଚ୍ଚା କରାଯିବ ତାହା ହେଉଛି ହଜ୍‌ରତ୍ ଅମ୍‌ରୋ ବିନ୍ ହାରିସ୍ ର:ଅ । ହଜ୍‌ରତ୍ ଅମ୍‌ରୋ ବିନ୍ ହାରିସ୍ ର:ଅଙ୍କ ସମ୍ବନ୍ଧ କବିଲା ବନୁ ହାରିସ୍ ସହିତ ଥିଲା । କିଛି ଲୋକେ ତାଙ୍କର ନାମ ଅମ୍‌ରୋ ବର୍ଣ୍ଣନା କରିଛନ୍ତି ଯେବେ କି ଅନ୍ୟମାନେ ତାଙ୍କର ନାମ ଆମୀର୍ ମଧ୍ୟ ବର୍ଣ୍ଣନା କରିଛନ୍ତି । ତାଙ୍କର କୁନିୟତ ଥିଲା ଅବୁ ନାଫେ । ହଜ୍‌ରତ୍ ଅମ୍‌ରୋ ବିନ୍ ହାରିସ୍ ର:ଅ ପ୍ରାରମ୍ଭରେ ହିଁ ମକ୍କାଠାରେ ଇସ୍‌ଲାମ୍ ଗ୍ରହଣ କରିଥିଲେ । ସେ ହିଜ୍‌ରତେ ହବ୍‌ଶା ସାନିୟା (ଅର୍ଥାତ୍ ଦ୍ୱିତୀୟ ଥର ହବ୍‌ଶା ହିଜ୍‌ରତ୍ କରିବା)ରେ ସାମିଲ ହୋଇଥିଲେ । ତାଙ୍କୁ ବଦର୍ ଯୁଦ୍ଧରେ ସାମିଲ ହେବାର ସୌଭାଗ୍ୟ ମିଳିଛି । *(ସିରତୁଲ୍ ନବ୍ୱିୟା ଲେ ଇବ୍‌ନେ ହୁଶାମ୍ ପୃ-୪୬୩...... ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୧) (ଅଲ୍ ଇସ୍ତିଆବ୍ ଫି ମାରଫତୁଲ୍ ଅସ୍‌ହାବ୍ ଲି ଅବି ଉମର୍, ଖଣ୍ଡ-୩, ପୃଷ୍ଠା-୨୫୫..... ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୨) (ଉସଦୁଲ୍ ଗାବାଃ, ଫି ମାରଫତୁଲ୍ ସାହାବା ଲେ ଇବ୍‌ନେ ଅସିର୍, ଖଣ୍ଡ-୪, ପୃଷ୍ଠା-୧୯୭, ''ଅମ୍‌ରୋ ବିନ୍ ହାରିସ୍', ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୮)*

ପୁଣି ଯେଉଁ ସାହାବୀଙ୍କର ଏଠାରେ ଚର୍ଚ୍ଚା କରାଯାଉଅଛି ତାଙ୍କର ନାମ ହେଉଛି ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ କାଆବ୍ ର:ଅ । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ କାଆବ୍ ର:ଅ ବନୁ ମାଜିନ୍ କବିଲାର ଥିଲେ । ତାଙ୍କ ବାପାଙ୍କ ନାମ କାଆବ୍ ବିନ୍ ଅମ୍‌ରୋ ଓ ତାଙ୍କ ମାଆଙ୍କ ନାମ ରୁବାବ୍ ବିନ୍‌ତେ ଅବଦୁଲ୍ଲାଃ ଥିଲା । ତାଙ୍କ ବାପାଙ୍କ ନାମ କାଦ୍ ବିନ୍ ଅମ୍‌ରୋ ଓ ମାଆଙ୍କ ନାମ ରୁବାବ୍ ବିନ୍‌ତ ଅବ୍‌ଦୁଲ୍ଲାଃ ଥିଲା । ସେ ହଜ୍‌ରତ୍ ଅବୁ ଲୈଲା ମିଜିନି ର:ଅଙ୍କ ଭାଇ ଥିଲେ । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ କାଦ୍ ର:ଅ ବଦର ଯୁଦ୍ଧରେ ସାମିଲ୍ ହୋଇଥିଲେ । ତାଙ୍କୁ ଆଁ ହଜ୍‌ରତ୍ ସ:ଆ:ସ ବଦର ଯୁଦ୍ଧ ମାଲେ ଗନିମତ୍ (ଅର୍ଥାତ୍ ଯୁଦ୍ଧରେ ଜିତିଥିବା ସମ୍ପତ୍ତି)ର ନିଗ୍‌ରାନ୍ (ଅର୍ଥାତ୍ ନିରିକ୍ଷକ) ରୂପେ ନିୟୋଜିତ କରିଥିଲେ ।

ଏତତ୍ ବ୍ୟତିତ ଅନ୍ୟାନ୍ୟ ଅବସରରେ ମଧ୍ୟ ତାଙ୍କୁ ନବି କରିମ୍ ସ:ଆ:ସ ଖୁମୁସ୍ ସମ୍ପତିର ନିରିକ୍ଷକ ରୂପେ ନିୟୋଜିତ କରିଛନ୍ତି । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ କାଆବ୍ ର:ଅ ଓ୍ୱହଦ୍, ଖନ୍ଦକ ଓ ଏତଦ୍ ବ୍ୟତିତ ଅନ୍ୟାନ୍ୟ ସମସ୍ତ ଯୁଦ୍ଧରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ସାମିଲ ହୋଇଛନ୍ତି । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ କାଆବ୍ ର:ଅଙ୍କ ଦେହାନ୍ତ ମଦିନାରେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଖିଲାଫତ ସମୟରେ ୩୩ ହିଜ୍‌ରୀରେ ହୋଇଥିଲା । ତାଙ୍କ ନମାଜ୍ ଯନାଜାଃ ହଜ୍‌ରତ୍ ଉସ୍‌ମାନ୍ ର:ଅ ପଢ଼ାଇଲେ । ତାଙ୍କର କୁନିୟତ୍ ଅବୁ ହାରିସ୍ ବ୍ୟତିତ ଅବୁ ୟହ୍‌ୟା ମଧ୍ୟ ବର୍ଣ୍ଣନା କରାଯାଇଛି ।

*(ସିରତୁନ୍ ନବ୍ୱିୟା ଲି ଇବ୍‌ନେ ହୁଶାମ୍, ପୃ-୪୭୫...... ବେରୁତ ୨୦୦୧)*

*(ତବକାତୁଲ୍ କୁବ୍ରା, ଲେ ଇବ୍‌ନେ ସାଆଦ୍ ଖଣ୍ଡ-୩, ପୃଷ୍ଠା-୨୬୮, ''ଅବ୍‌ଦୁଲ୍ଲାଃ ବିନ୍ କାଆବ୍ ବିନ୍ ଅମ୍‌ରୋ'' ର:ଅ, ଦାର ଅହ୍‌ୟାଅତ୍ ତୁରାସୁଲ୍ ଆରବୀ ବେରୁତ ଲେବ୍‌ନାନ ୨୦୦୨) (ଉସଦୁଲ୍ ଗାବାଃ, ଖଣ୍ଡ-୩, ପୃଷ୍ଠା-୩୭୦, ''ଅବ୍‌ଦୁଲ୍ଲାଃ ବିନ୍ କାଆବ୍ ବିନ୍ ଅମ୍‌ରୋ'', ଦାରୁଲ୍ କୁତୁବୁଲ୍...........ଲେବ୍‌ନାନ୍ ୨୦୦୮) (ଇସ୍ତିୟାବ......ଖଣ୍ଡ-୩, ପୃ-୧୦୦୫, ''ଅବ୍‌ଦୁଲ୍ଲାଃ ବିନ୍ ମାଜିନି''....... ବେରୁତ ଲେବ୍‌ନାନ୍ ୨୦୦୨)*

ପୁଣି ଯେଉଁ ସାହାବିଙ୍କର ଏଠାରେ ଚର୍ଚ୍ଚା କରାଯିବ ତାଙ୍କ ନାମ ହେଉଛି ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ କୈସ୍ ର:ଅ । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ କୈସ୍ ର:ଅ କବିଲା ବନୁ ନଜାର୍‌ର ଥିଲେ । ତାଙ୍କ ଦାଦା (ଜେଜେ)ଙ୍କ ନାମ ଅଧିକାଂଶ ସିରତ୍ ଓ ଇତିହାସ ପୁସ୍ତକ ମାନଙ୍କରେ ଖାଲିଦ୍ ବର୍ଣ୍ଣନା ଅଛି । ଯେବେ କି ତାବକାତୁଲ କୁବ୍‌ରାରେ ତାଙ୍କ ଦାଦାଙ୍କ ନାମ ଖଲ୍ଲଦଃ ଉଲ୍ଲେଖ ଅଛି । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ କୈସ୍ ର:ଅଙ୍କ ପୁତ୍ରଙ୍କ ନାମ ଅବଦୁର୍ ରହ୍‌ମାନ୍ ଓ ଝିଅଙ୍କ ନାମ ଉମୈରାଃ ଥିଲା । ଏହି ଦୁଇଜଣ ସନ୍ତାନଙ୍କ ମାଆଙ୍କ ନାମ ସୁଆଦ୍ ବିନ୍‌ତେ କୈସ୍ ଥିଲା । ଏତତ୍ ଭିନ୍ନ ତାଙ୍କର ଆଉ ଜଣେ ଝିଅ ଥିଲେ ଯାହାଙ୍କ ନାମ ଉମ୍ମେ ଅଓନ୍ ଥିଲା । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ କୈସ୍ ର:ଅ ବଦର ଏବଂ ଓ୍ୱହଦ୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । ଅବ୍‌ଦୁଲ୍ଲାଃ ବିନ୍ ମୁହମ୍ମଦ୍ ବିନ୍ ଉମ୍ମାରାଃ ଅନ୍‌ସାରୀଙ୍କ ମୁତାବକ ସେ ଓ୍ୱହଦ୍ ଯୁଦ୍ଧରେ ଶହୀଦ ହୋଇଥିଲେ । ଯେବେକି ଅନ୍ୟ ରିଓ୍ୱାୟତ୍ ମୁତାବକ ସେ ଓ୍ୱହଦ୍ ଯୁଦ୍ଧରେ ଶହୀଦ୍ ହୋଇନଥିଲେ ବରଂ ଜୀବିତ ଥିଲେ ଓ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ସମସ୍ତ ଯୁଦ୍ଧରେ ସାମିଲ୍ ହୋଇଥିଲେ ଏବଂ ସେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଖିଲାଫତ୍ ସମୟରେ ମୃତ୍ୟୁ ବରଣ କଲେ ।

*(ସିରତୁନ୍ ନବୱିୟା........ପୃ-୪୭୪...... ବେରୁତ ୨୦୦୧) ((ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୨୫୮, ''ଅବ୍‌ଦୁଲ୍ଲାଃ ବିନ୍ କୈସ୍''........ ବେରୁତ ଲେବ୍‌ନାନ୍ ୧୯୯୬)*

ଇତିହାସର ଭିନ୍ନ ଭିନ୍ନ ପୁସ୍ତକମାନ ଅଛନ୍ତି, ବେଳେବେଳେ କିଛି ସ୍ଥାନରେ ମତଭେଦ ହୋଇଯାଏ ସେଥିଯୋଗୁଁ ମୁଁ ବର୍ଣ୍ଣନା କରିଦେଇଛି ।

ପୁଣି ଯେଉଁ ସାହାବୀଙ୍କର ଏଠାରେ ଚର୍ଚ୍ଚା କରାଯାଉଅଛି ତାଙ୍କର ନାମ ହେଉଛି ହଜ୍‌ରତ୍ ସଲ୍‌ମା ବିନ୍ ଅସ୍‌ଲମ୍ ର:ଅ । ହଜ୍‌ରତ୍ ସଲ୍‌ମା ବିନ୍ ଅସ୍‌ଲମ୍ ର:ଅ ବନୁ ହାରିସା ବିନ୍ ହାରିସ୍ କବିଲାର ଥିଲେ ତାଙ୍କ ବାପାଙ୍କ ନାମ ଅସ୍‌ଲମ୍ ଥିଲା । ଆଉ ଗୋଟିଏ ରିଓ୍ୱାୟତ ମୁତାବକ ତାଙ୍କ ଦାଦାଙ୍କ ନାମ ହୁରୈଶ୍ ଥିଲା । ଆଉ ଗୋଟିଏ ରିଓ୍ୱାୟତ ମୁତାବକ ତାଙ୍କ ଦାଦାଙ୍କ ନାମ ହୁରୈଶ୍ ଥିଲା ଯେବେ କି ଅନ୍ୟ ଏକ କଥନ ମୁତାବକ ହରିସ୍ ଥିଲା । ତାଙ୍କ କୁନିୟତ ଅବୁ ସାଆଦ୍ ଥିଲା । *(ସିରତୁନ୍ ନବୱିୟା ଲି ଇବ୍‌ନେ ହୁଶାମ୍, ପୃ-୪୬୪..... ବେରୁତ ୨୦୦୧) (ଇସ୍ତିଆବ୍ ଫି ମାରଫତୁଲ୍ ଅସ୍‌ହାବ୍.......ଖଣ୍ଡ-୨, ପୃ-୧୯୮...... ବେରୁତ ଲେବନାନ୍ ୨୦୦୨)*

ହଜ୍‌ରତ୍ ସଲ୍‌ମା ବିନ୍ ଅସ୍‌ଲମ୍ ର:ଅଙ୍କ ମାଆଙ୍କ ନାମ ସୁଆଦ୍ ବିନ୍‌ତ ରାଫେ ଥିଲା । ହଜ୍‌ରତ୍ ସଲ୍‌ମା ବିନ୍ ଅସ୍‌ଲମ୍ ର:ଅ ବଦର, ଓ୍ୱହଦ୍, ଖନ୍ଦକ ଏବଂ ଏତଦ୍‌ବ୍ୟତିତ ଅନ୍ୟାନ୍ୟ ସମସ୍ତ ଯୁଦ୍ଧରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ସାମିଲ୍ ହୋଇଥିଲେ । ସେ ବଦର୍ ଯୁଦ୍ଧରେ ସାଏବ୍ ବିନ୍ ଉବୈଦ୍ ଓ ନୁମାନ୍ ବିନ୍ ଅମ୍‌ରୋଙ୍କୁ ବନ୍ଦୀ କରିଥିଲେ । ହଜ୍‌ରତ୍ ସଲ୍‌ମା ବିନ୍ ଅସ୍‌ଲମ୍ ର:ଅ ହଜରତ୍ ଉମର୍‌ଙ୍କ ଖିଲାଫତ୍ ସମୟରେ ଯସର୍ ଯୁଦ୍ଧରେ ଶହୀଦ୍ ହୋଇଥିଲେ, ଯାହା ଫରାତ୍ ନଦୀ କୂଳରେ ଲଢ଼ା ଯାଇଥିଲା । ଏହି ଯୁଦ୍ଧର ବିବରଣୀ ମୁଁ ବିଗତ ଖୁତ୍‌ବାରେ ବର୍ଣ୍ଣନା କରିସାରିଛି । ବହୁତ ବଡ଼ ଯୁଦ୍ଧ ଥିଲା ଯାହା ମୁସଲ୍‌ମାନ ଓ ଇରାନୀମାନଙ୍କ ମଧ୍ୟରେ ଲଢ଼ାଯାଇଥିଲା । ଯସର୍ ଅର୍ଥ ହେଉଛି ପୋଲ । ନଦୀ ଉପର ଏକ ପୋଲ ନିର୍ମାଣ କରାଯାଇଥିଲା । ତେଣୁ ଯୁଦ୍ଧର ନାମ ଯସର୍ ରଖାଯାଇଥିଲା । ତା ମାଧ୍ୟମରେ ମୁସଲ୍‌ମାନ ମାନେ ଅନ୍ୟ ଇଲାକାକୁ ଗଲେ । ଏହି ଯୁଦ୍ଧରେ ଇରାନୀମାନଙ୍କ ତରଫରୁ ହାତି ମଧ୍ୟ ବ୍ୟବହାର କରାଯାଇଥିଲା । ସେ ସେ ଯାହା ହେଉ ଏ ଯୁଦ୍ଧରେ ଦୁଇ ପକ୍ଷଙ୍କର ବହୁତ କ୍ଷତି ହୋଇଥିଲା । ବିଶେଷ ରୂପେ ମସୁଲ୍‌ମାନମାନଙ୍କର ବହୁତ କ୍ଷତି ହୋଇଥିଲା । ମୃତ୍ୟୁବେଳକୁ ତାଙ୍କର ବୟସ ରିଓ୍ୱାୟତ ଭିନ୍ନତା ସହିତ ୩୮ ବର୍ଷ ହୋଇଥିଲା ବୋଲି ବର୍ଣ୍ଣନା ଅଛି ।

*(ତବକାତୁଲ୍ କୁବ୍‌ରା, ଲି ଇବ୍‌ନେ ସାଆଦ୍ ଖଣ୍ଡ-୩, ପୃଷ୍ଠା-୨୩୬, ''ସଲ୍‌ମା ବିନ୍ ଅସ୍‌ଲମ୍'', ବେରୁତ ଲେବ୍‌ନାନ୍ ୧୯୯୬) (ଉସଦୁଲ୍ ଗାବାଃ ଫି ମାରେଫତୁସ୍ ସାହାବା ଖଣ୍ଡ-୨, ପୃଷ୍ଠା-୫୧୬, ''ସଲ୍‌ମା ବିନ୍ ଅସ୍‌ଲମ୍'', ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ଲେବ୍‌ନାନ୍୨୦୦୮) ( (ଅଲ୍ ଅସାବା, ଖଣ୍ଡ-୩, ପ୍ରଥମ ଭାଗ, ପୃଷ୍ଠା-୨୭୧ ଦାରୁଲ୍ ଇଶାଅତ୍ କରାଚି ୨୦୦୩)*

ଅଲ୍ଲାମାଃ ନୁରୁଦ୍ଦିନ୍ ହଲ୍‌ବିଙ୍କ ପ୍ରଶିଦ୍ଧ ପୁସ୍ତକ ସିରତେ ହଲ୍‌ବିୟାରେ ବଦର ଯୁଦ୍ଧ ଅବସରରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ମୋଦେଜାତ୍ (ଐଶି ଚମତ୍କାରିତା) ସମ୍ବନ୍ଧରେ ବର୍ଣ୍ଣନା ଅଛି ଯେ ବଦର୍ ଯୁଦ୍ଧରେ ହଜ୍‌ରତ୍ ସଲ୍‌ମା ବିନ୍ ଅସ୍‌ଲମ୍ ର:ଅଙ୍କ ତରବାରୀ ଭାଙ୍ଗି ଗଲା, ଏଥିରେ ଆଁ ହଜ୍‌ରତ୍ ସ:ଆ:ସ ତାଙ୍କୁ ଖଜୁରୀ ଗଛର ଏକ ବାଡ଼ି/ଠେଙ୍ଗା ଦେଇ କହିଲେ ଯେ ଏହା ଦ୍ୱାରା ଲଢ଼ । ହଜ୍‌ରତ୍ ସଲ୍‌ମା ବିନ୍ ଅସ୍‌ଲମ୍ ଯେଉଁ କ୍ଷଣି ସେହି ବାଡ଼ିଟିକୁ ନିଜ ହାତରେ ଧରିଲେ ସେହି କ୍ଷଣି ତାହା ଏକ ସୁନ୍ଦର ତରବାରୀ ହୋଇଗଲା । ଏବଂ ତାହା ପରେ ମଧ୍ୟ ସର୍ବଦା ତାଙ୍କ ନିକଟରେ ରହିଲା ।

*(ସିରତୁଲ୍ ହଲ୍‌ବିୟା, ଖଣ୍ଡ-୨, ପୃ-୨୪୫......... ବେରୁତ ୨୦୦୨) (ଶରହ୍ ଯର୍‌କାନୀ ଅଲ୍‌ଲ ମୱାହିବୁଲ୍ ଲଦୁନିୟା, ଖଣ୍ଡ-୨, ପୃ-୩୦୨....... ଦାରୁଲ୍ କୁତବୁଲ୍ ଇଲ୍‌ମିୟା ବେରୁତ ୧୯୯୬) (ଦଲାଇଲୁଲ୍ ନବୁଓ୍ୱା ଲିଲ୍ ବେହ୍‌କି ଖଣ୍ଡ-୩, ପୃ-୯୯....... ଦାରୁଲ୍ କୁତବୁଲ୍ ଇଲ୍‌ମିୟା ବେରୁତ ୧୯୮୮)*

ଇବ୍‌ନେ ସାଆଦ୍ ଖନ୍ଦକ ଯୁଦ୍ଧ ସମ୍ବନ୍ଧରେ ଲେଖୁଛନ୍ତି କି, ଖନ୍ଦକ ଯୁଦ୍ଧ ଅବସରରେ ମୁହାଜିର୍ ମାନଙ୍କ ଧ୍ୱଜା ହଜ୍‌ରତ୍ ଯୟଦ ବିନ୍ ହାରିସା ର:ଅଙ୍କ ନିକଟରେ ଥିଲା ଏବଂ ଅନ୍‌ସାରର ଧ୍ୱଜା ହଜ୍‌ରତ୍ ସାଆଦ୍ ବିନ୍ ଉବାଦାଃ ର:ଅଙ୍କ ନିକଟରେ ଥିଲା । ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ସଲ୍‌ମା ବିନ୍ ଅସଲମ୍ ର:ଅଙ୍କୁ ୨୦୦ ଲୋକମାନଙ୍କ ଉପରେ ନିରୀକ୍ଷକ ରୂପେ ନିଯୋଜିତ କରିଥିଲେ । ଅର୍ଥାତ୍ ସେହି ଧ୍ୱଜା ଅନ୍ତର୍ଗତ ଯେତେ ପ୍ରକାରର ଭିନ୍ନ ଭିନ୍ନ ଗୋଷ୍ଠୀ ଥିଲା ସେମାନଙ୍କ ଉପରେ ନିରୀକ୍ଷକ ରୂପେ ନିଯୋଜିତ କରିଥିଲେ । ସେହିପରି ହଜ୍‌ରତ୍ ଯୟଦ ବିନ୍ ହାରିସାଙ୍କୁ ୩୦୦ ଲୋକଙ୍କ ଉପରେ ନିଗରାନ୍ (ଅର୍ଥାତ୍ ନିରୀକ୍ଷକ) ନିଯୋଜିତ କରିଥିଲେ ଓ ସେମାନଙ୍କର ଏପରି ଡ୍ୟୁଟି ଥିଲା କି ସେମାନେ ମଦିନାର ଚତୁଃପାର୍ଶ୍ୱରେ ପହରା ଦେବେ ଏବଂ ଉଚ୍ଚ ସ୍ୱରରେ ତକ୍‌ବିର୍ ପଢ଼ିଚାଲିବେ । ଏହାର କାରଣ ଏହା ଥିଲା କି ବନୁ କୁରୈଜାଃ ତରଫରୁ ଯେଉଁଠି ପିଲାମାନଙ୍କୁ ସୁରକ୍ଷା ଉଦ୍ଦେଶ୍ୟରେ ରଖା ଯାଇଥିଲା ସେହି ସ୍ଥାନରେ ଆକ୍ରମଣ ହେବାର ଆଶଙ୍କା ଥିଲା ।

*(ଅଏନୁଲ୍ ଅସର୍ ଖଣ୍ଡ-୨, ପୃ-୮୮........ ବେରୁତ ୧୯୯୩)*

ଅମାନ୍ୟକାରୀ ମକ୍କାବସୀ ହଜୁର ସ.ଅଙ୍କୁ ହତ୍ୟା କରିବାର ଏକ ସଢ଼ଯନ୍ତ୍ର କରିଥିଲେ । ଏଥିସମ୍ବନ୍ଧରେ ହଜରତ ମିର୍ଜା ବଶିର ଅହମଦ ସାହେବ ଲେଖିଛନ୍ତି :

"ଏହ୍‌ଜାବ୍ ଯୁଦ୍ଧରେ ମକ୍କାବାସୀ ଯେଉଁ ଅପମାନଜନକ ପରାଜୟ ବରଣ କରିଥିଲେ, ତାହା ସେମାନଙ୍କ ତନ ଓ ମନରେ ପ୍ରତିଶୋଧର ଅଗ୍ନି ପ୍ରଜ୍ୱଳିତ କରୁଥିଲା ଏବଂ ସ୍ୱଭାବିକ ରୂପେ ଏହି ପ୍ରତିଶୋଧର ଅଗ୍ନି ଅବୁ ସୁଫୟାନ୍ ଭାଗରେ ଆସିଥିଲା, ଯେ ମକ୍କାବାସୀଙ୍କ ରଇସ୍ (ଅର୍ଥାତ୍ ମୁଖିଆ) ଥିଲା । ଏହଜାବ୍ ଯୁଦ୍ଧରେ ବିଶେଷ କରି ତାହାର ମର୍ଯ୍ୟାଦା ହାନି ହୋଇଥିଲା । କିଛି ଅବଦ୍ଧି ପର୍ଯ୍ୟନ୍ତ ସେ ଭିତରେ ଭିତରେ ଜଳୁଥିଲା କିନ୍ତୁ ଶେଷରେ ତାହା ଅଭ୍ୟନ୍ତରର ଅଗ୍ନି ଶିଖା ଅସମ୍ଭାଳ ହୋଇ ପ୍ରସ୍ଫୁଟିତ ହେବା ଆରମ୍ଭ ହେଲା । ସ୍ୱଭାବତଃ କୁଫାର୍‌ମାନଙ୍କର ସବୁଠାରୁ ଅଧିକା ଶତ୍ରୁତା ବରଂ ବାସ୍ତବିକ ରୂପେ ଅସଲ ଶତ୍ରୁତା ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ଥିଲା ସେଥିଯୋଗୁଁ ଏବେ ଅବୁ ସୁଖିଆନ୍ ଏ ଚିନ୍ତାରେ ପଡ଼ିଯାଇଥିଲା ଯେ ଯଦି ସବୁ ପ୍ରକାରର ଯୋଜନା ଓ ବାହାନା ପଣ୍ଡ ହୋଇଗଲା ଓ ଯୁଦ୍ଧ କରିବା ପାଇଁ କୌଣସି ଅବସର ମିଳିଲା ନାହିଁ ତେବେ କାହିଁକି କୌଣସି ପ୍ରକାରର ଏପରି ଯୋଜନା ନ କରାଯାଉ ଯଦ୍ୱାରା ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କୁ ନିଶେଷ କରିଦିଆଯିବ କାରଣ ସେ ଏହା ଜାଣିଥିଲା ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଚର୍ତୁପାଶ୍ୱରେ କୌଣସି ବିଶେଷ ସୁରକ୍ଷା ବଳର ପହରା ନାହିଁ ବରଂ ବେଳେବେଳେ ଆପଣ ସ:ଆ:ସ ସମ୍ପୂର୍ଣ୍ଣରୂପେ ଅସୁରକ୍ଷିତ ଅବସ୍ଥାରେ ଏଣେତେଣେ ଯା ଆସ କରୁଥିଲେ ସହରର ଗଳିକନ୍ଦିରେ ଘୁରି ବୁଲୁଥିଲେ । ମସ୍‌ଜିଦ୍ ନବୱିରେ ପ୍ରତ୍ୟହ ଅତି କମ୍‌ରେ ପାଂଚବେଳା ନମାଜ୍ ପଢ଼ିବାପାଇଁ ପହଂଚୁଥିଲେ ଓ ଏବଂ ଯାତ୍ରା କରିବା ସମୟରେ ସଂପୁର୍ଣ୍ଣରୂପେ ସ୍ୱାଧୀନ ରହୁଥିଲେ ତେଣୁ ଏହାଠାରୁ ଭଲ ମୌକା ଜଣେ ଭଡ଼ାଟିଆ ହତ୍ୟାକାରୀଙ୍କ ପାଇଁ ଆଉ କଣ ହୋଇ ପାରିଥାନ୍ତା । ଏହି ଭାବନା ଆସିବା କ୍ଷଣି ଅବୁ ସୁଫିୟାନ୍ ମନେମନେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ହତ୍ୟାକରିବାର ଯୋଜନା ଦୃଢ଼ କରିବା ଆରମ୍ଭ କରିଦେଲେ ଯେତେବେଳେ ସେ ଦୃଢ଼ତାର ସହିତ ଏ କାର୍ଯ୍ୟ କରିବାକୁ ମନସ୍ତ କରିନେଲେ ସେତେବେଳେ ଏକଦା ସୁଯୋଗ ପାଇ ଅବୁ ସୁଫିୟାନ୍ ନିଜ (ମନ୍ଦ)ଉଦ୍ଦେଶ୍ୟର କିଛି କୁରେଶ୍ ଯୁବକଙ୍କୁ କହିଲା କ'ଣ ତୁମମାନଙ୍କ ମଧ୍ୟରେ କେହି ବୀର ପୁରୁଷ ନାହିଁ ଯେ ମଦିନା ଯାଇ ଗୁପ୍ତ ଭାବରେ ହଜରତ ମହମ୍ମଦ ସ.ଅଙ୍କ କାମ ତମାମ (ହତ୍ୟା) କରିପାରିବ ? ତୁମେମାନେ ଜାଣ ମହମ୍ମଦ ମଦିନାର ଗଳିକନ୍ଦିରେ ମୁକ୍ତ ଭବାରେ ଚାଲବୁଲ କରନ୍ତି । ଉକ୍ତ ଯୁବକମାନେ ତାହା ଶୁଣିବା ମାତ୍ରେ ସେଠାରୁ ଉଠି ଚାଲିଗଲେ । ଉକ୍ତ ଘଟଣାକୁ ଅଳ୍ପ କିଛି ଦିନ ଅତିବାହିତ ହୋଇଥିବ କି ଜଣେ ଗାଁଉଲି ଯୁବକ ଅବୁ ସୁଫୟାନ୍ ନିକଟକୁ ଆସିଲା ଓ କହିଲା ମୁଁ ଆପଣଙ୍କ ଯୋଜନା ସମ୍ବନ୍ଧରେ ଶୁଣିବାକୁ ପାଇଲି । ତେବେ ମୁଁ ଏଥିପାଇଁ ପ୍ରସ୍ତୁତ ଅଛି, ମୁଁ ଜଣେ ଦୃଢ ହୃଦୟୀ ଓ ବଳବାନ୍ ଯୁବକ ଯାହାର (ଭୁଜାର)ଆୟତ ଅତ୍ୟନ୍ତ ମଜବୁତ୍ ଓ ଆକ୍ରମଣ ତୀବ୍ରତାର ଅଟେ । ଯଦି ଆପଣ ମୋତେ ଏହି କାର୍ଯ୍ୟ ନିମନ୍ତେ ଚୟନ କରି ମୋର ସାହାଯ୍ୟ କରନ୍ତି ତେବେ ମୁଁ ହଜରତ ମହମ୍ମଦ ସ.ଅଙ୍କୁ ହତ୍ୟା କରିବା ନିମନ୍ତେ ପ୍ରସ୍ତୁତ ଏବଂ ମୋ ନିକଟରେ ଗୋଟିଏ ଏପରି ଖଞ୍ଜର ଅଛି ଯାହା ଶିକାରୀ ଚିଲର ଲୁଚିଥିବା ଡେଣାପରି ରହିବ ଅର୍ଥାତ୍ ତାହା ଏପରି ଲୁଚି ରହିବ ଯେ କାହାକୁ ଦେଖା ଯିବନାହିଁ । ତେଣୁ ମୁଁ ମୁହମ୍ମଦ ସ:ଆ:ସଙ୍କ ଉପରେ ଆକ୍ରମଣ କରିବି ତା ପରେ ଦୌଡ଼ିଯାଇ କୌଣସି କାଫିଲା ସହିତ ମିଶିଯିବି ଓ ମୁସଲ୍‌ମାନମାନେ ମୋତେ ଧରି ପାରିବେ ନାହିଁ । ମୁଁ ମଦିନା ଯିବାର ମାର୍ଗ ସମ୍ବନ୍ଧରେ ମଧ୍ୟ ବେଶ୍ ପ୍ରବିଣ । ଏଥିରେ ଅବୁ ସୁଫୟାନ ଅତ୍ୟନ୍ତ ପ୍ରସନ୍ନିତ ହେଲା ଏବଂ କହିଲା ବାସ୍ ବାସ୍ ତୁମେ ମୋ ଉଦ୍ଦେଶ୍ୟ ପୂରଣ କରିବା ନିମନ୍ତେ ଉପଯୁକ୍ତ ପ୍ରାର୍ଥି, ତା'ପରେ ସେ ତାକୁ ଏକ ତୀବ୍ର ବେଗରେ ଦୌଡୁଥିବା ଓଟ ଓ ବାଟ ପାଇଁ ଆବଶ୍ୟକ କିଛି ସାମଗ୍ରୀ ପ୍ରଦାନ କରିବା ସହ ତାଗିଦ୍ କରି କହିଲା କି ଏହି ଗୁପ୍ତ ଯୋଜନା ସମ୍ବନ୍ଧରେ କାହା ନିକଟରେ ପ୍ରକାଶ କରିବ ନାହିଁ ।

ମକ୍କାରୁ ବିଦାୟ ନେବା (ପ୍ରସ୍ଥାନ କରିବା)ପରେ ଉକ୍ତ ବ୍ୟକ୍ତି ଜଣକ ଦିନବେଳା ଲୁଚି ରହୁଥିବା ବେଳେ ରାତିରେ ଯାତ୍ରା ଅବ୍ୟାହତ ରଖି ମଦିନା ଆଡ଼କୁ ବଢିଚାଲିଲା ଏବଂ ଷଷ୍ଠ ଦିନରେ ଯାଇ ମଦିନାରେ ପହଂଚିଗଲା । ତା'ପରେ ହଜୁର ସ.ଅଙ୍କ ଖବର ନେଇ ସିଧା ବନୁ ଅବଦିଲ୍ ଶହଲର ମସଜିଦ୍‌ରେ ପହଂଚିଗଲା ଯେଉଁଠାରେ ହଜୁର ସ.ଅ ସେ ସମୟରେ

ସେଠାରେ ଉପସ୍ଥିତ ଥିଲେ । ଯେହେତୁ ସେ ସମୟରେ ନୂଆ ନୂଆ ଲୋକେ ମଦିନା ଆସୁଥିଲେ ତେଣୁ ମୁସଲ୍‌ମାନମାନଙ୍କୁ ତାହା ସମ୍ପର୍କରେ କୌଣସି ସନ୍ଦେହ ହେଲା ନାହିଁ ଯେ ସେ କି ଉଦ୍ଦେଶ୍ୟରେ ଆସିଛି କିନ୍ତୁ ଉକ୍ତ ବ୍ୟକ୍ତି ଜଣକ ଯେମିତି ମସଜିଦ୍‌ରେ ପ୍ରବେଶ କରିଛି ହଜୁର ତାହାକୁ ନିଜ ଆଡ଼କୁ ଆସୁଥିବାର ଦେଖି କହିଲେ ଏ କୌଣସି ମନ୍ଦ ଉଦ୍ଦେଶ୍ୟରେ ଆସିଛି । ଏହା ଶୁଣିବା ମାତ୍ରେ ସେ ଆହୁରି ତୀବ୍ର ବେଗରେ ହଜୁର ସ.ଅଙ୍କ ନିକଟକୁ ବଢିଲା କିନ୍ତୁ ଜଣେ ଅନସାରୀ ମୁଖିଆ ହଜରତ ଅସଦ ବିନ୍ ହଜିର୍ ଡ଼େଇଁପଡ଼ି ତାହାକୁ ଧରିନେଲେ । ଓ ଏହିପରି ଧରା ଧରି ସମୟରେ ତାଙ୍କ ହାତ ସେହି ବ୍ୟକ୍ତିର ଖଞ୍ଜର ଉପରେ ଯାଇ ପଡ଼ିଲା ଯ ଦ୍ୱାରା ସେ ଘାବରେଇ କହିଲା ଯେ ମୋତେ ମାରିଦେଲା ମୋତେ ମାରିଦେଲା ଅର୍ଥାତ୍ ତୁମେ ମୋତେ ଆଘାତ ପହଂଚେଇଛ । ଯେତେବେଳେ ତାହାକୁ କାବୁ କରିନିଆଗଲା ହଜୁର ତାକୁ ପଚାରିଲେ ସତ କୁହ ତୁମେ କିଏ ଓ କେଉଁ ଉଦ୍ଦେଶ୍ୟରେ ଏଠାକୁ ଆସିଛ ? ଏଥିରେ ସେ କହିଲା ଯଦି ମୋ ଜୀବନ ବଂଚାଇ ଦିଆଯାଏ ତେବେ ମୁଁ ଏକଥା କହିବି । ଏଥିରେ ଆପଣ ସ:ଆ:ସ କହିଲେ କି ଯଦି ତୁମେ ସବୁ କଥା ସତ୍ୟ କହିଦିଅ ତେବେବେ ତମକୁ କ୍ଷମା କରିଦିଆଯିବ ଫଳତଃ ସେ ସମସ୍ତ ସଡ଼ଯନ୍ତ୍ର ସମ୍ବନ୍ଧରେ ହଜୁର ସ.ଅଙ୍କୁ ଅବଗତ କରିଦେଲା ଏବଂ ଏହା ମଧ୍ୟ କହିଲା କି ଏହି କାର୍ଯ୍ୟ ସମ୍ପାଦନ କଲେ ଅବୁ ସୁଫୟାନ ତାହାକୁ ଏଭଳି ଏଭଳି ପୁରସ୍କାର ପ୍ରଦାନ କରିବାର ପ୍ରତିଶୃତି ଦେଇଛି । ଏଥିଅନ୍ତେ ଉକ୍ତ ବ୍ୟକ୍ତି କିଛି ଦିନ ମଦିନାରେ ରହିଲା ଏବଂ ସ୍ୱଇଚ୍ଛାରେ ମୁସଲମାନ ହୋଇଗଲା ।

ଅବୁ ସୁଫୟାନର ଏହି ରକ୍ତପାତ ମୂଳକ ସଡ଼ଯନ୍ତ୍ର ମୁସଲମାନମାନେ ଆଗ ଅପେକ୍ଷ ଅଧିକ ସଜାଗ ରହିବା ଜରୁରୀ ମଣିଲେ କି ମକ୍କାବାସୀଙ୍କ ମନ୍ଦ ଉଦ୍ଦେଶ୍ୟ ଓ ମନ୍ଦବୁଦ୍ଧି ସହ ଅବଗତ ରହିବା । ସୁତରାଂ ହଜୁର ସ.ଅ ଏଥିନିମନ୍ତେ ଦୁଇ ଜଣ ସାହାବା ହଜରତ ଉମରୋ ବିନ୍ ଉମୟା ଜମରି ଓ ସଲମା ବିନ୍ ଅସଲମ୍‌ଙ୍କୁ ଗୁପ୍ତଚର ଭାବରେ ମକ୍କା ପ୍ରେରଣ କଲେ ଏବଂ ଅବୁ ସୁଫୟାନର ଏପରି ହତ୍ୟାକାଣ୍ଡ ମୂଳକ ସଡ଼ଯନ୍ତ୍ର ଓ ପୂର୍ବ ହତ୍ୟାକାଣ୍ଡ ମୂଳକ ଗତିବିଧି ଦୃଷ୍ଟିକୋଣରୁ ସେମାନଙ୍କୁ ଏହି ଅନୁମତି ମଧ୍ୟ ପ୍ରଦାନ କରିଥିଲେ କି ଯଦି ସୁଯୋଗ ମିଳେ ତେବେ ଇସଲାମ ସହ ଯୁଦ୍ଧ ଅବ୍ୟାହତ ରଖିଥିବା ଏହି ଅତି କୃର ଶତ୍ରୁର ବନ୍ଧ କରିଦେବ । କିନ୍ତୁ ଯେତେବେଳେ ହଜରତ ଉମୟା ଓ ହଜରତ ସଲମା ବିନ୍ ଅସଲମ୍ ମକ୍କାରେ ପହଂଚିଲେ ସେତେବେଳେ କୁରୈଶ ସତର୍କ ହୋଇଗଲେ ଓ ଉକ୍ତ ଦୁଇ ସାହାବା ନିଜ ଜୀବନ ରକ୍ଷା କରି ସେଠାରୁ ଫେରିଆସିଲେ । ରାସ୍ତାରେ ସେମାନଙ୍କୁ କୁରୈଶର ଦୁଇ ଜଣ ଗୁପ୍ତଚର ମିଳିଗଲେ ଯାହାଙ୍କୁ କୁରୈଶର ମୁଖିଆ ମୁସଲମାନମାନଙ୍କ ଗତିବିଧି ଲକ୍ଷ କରିବାକୁ ଓ ହଜୁର ସ.ଅଙ୍କ ଅବସ୍ଥା ସମ୍ବନ୍ଧରେ ଖବର ନେବାକୁ ପ୍ରେରଣ କରିଥିଲେ । ହଜୁର ଅନୱର ଅ.ବ କୁହନ୍ତି- ବର୍ତମାନ ଏହା ମଧ୍ୟ କୌଣସି ଆଶ୍ଚର୍ଯ୍ୟ ହେବାର କଥା ନୁହେଁ ଯେ ଏହି ଯୋଜନା ମଧ୍ୟ କୁରୈଶଙ୍କର ଆଉ କୌଣସି ହତ୍ୟାକାଣ୍ଡର ଭିତିଭୂମି ଥିଲା । ତେବେ ଉକ୍ତ ସାହାବି ଦ୍ୱୟଙ୍କୁ ସେହି ଗୁପ୍ତଚରଙ୍କ ସମ୍ବନ୍ଧରେ ଖବର ମିଳିଗଲା, ବସ୍ତୁତଃ ସେମାନେ ଉକ୍ତ ଗୁପ୍ତଚରଙ୍କ ଉପରେ ଆକ୍ରମଣ କରି କଏଦ କରିବାକୁ ଚେଷ୍ଟା କଲେ କିନ୍ତୁ ସେମାନେ ମୁକାବିଲା କରିବା ଆରମ୍ଭ କଲେ । ଅତଏବ ସେହି ଲଢେଇରେ ଜଣେ ଗୁପ୍ତଚରର ମୃତ୍ୟୁ ହେଲା ଓ ଅନ୍ୟ ଜଣକୁ କଏଦ କରି ସାହାବା ଦ୍ୱୟ ମଦିନା ନେଇ ଆସିଲେ ।

ଏହି ଯୁଦ୍ଧର ଅନୁଷ୍ଠିତ ହେବା ତାରିଖ ସମ୍ବନ୍ଧରେ ଐତିହାସିକମାନଙ୍କ ମଧ୍ୟରେ ମତଭେଦ ରହିଛି । ଇବ୍‌ନେ ହୁଶାମ୍ ଏବଂ ତିବ୍‌ରି ତାହାକୁ ଚାରି ହିଜ୍‌ରିରେ ଅନୁଷ୍ଠିତ ହୋଇଥିବାର ବର୍ଣ୍ଣନା କରିଛନ୍ତି ଯେବେ କି ଇବ୍‌ନେ ସାଆଦ୍ ତାହା ଛଅ ହିଜ୍‌ରିରେ ଲେଖିଛନ୍ତି । ଅଲ୍ଲାମାଃ କୁସ୍‌ତଲାନି ଏବଂ ଜର୍‌କାନି ଇବ୍‌ନେ ସାଆଦ୍‌ର ରିୱାୟତକୁ ଅଗ୍ରାଧିକାର ଦେଇଛନ୍ତି । ହଜ୍‌ରତ୍ ମିର୍ଜା ବଶିର୍ ଅହମଦ୍ ସାହେବ ର:ଅ ଉକ୍ତ ସମସ୍ତ ଐତିହାସିକଙ୍କ ଗବେଷଣାକୁ ଅନୁଧ୍ୟାନ କରି ଲେଖୁଛନ୍ତି ଯେ ସୁତରାଂ ମୁଁ ମଧ୍ୟ ଏହା ଛଅ ହିଜ୍‌ରିରେ ଅନୁଷ୍ଠିତ ହୋଇଥିଲା ବୋଲି ବର୍ଣ୍ଣନା କରିଛି । ଅଲ୍ଲାଃ ଠିକ୍ ଜାଣିଥିବେ । ଇବ୍‌ନେ ସାଆଦ୍‌ଙ୍କ ରିୱାୟତର ଅର୍ଥର ସମର୍ଥନ ବେହ୍‌କି ମଧ୍ୟ କରିଛନ୍ତି କିନ୍ତୁ ସେଥିରେ ଉକ୍ତ ଘଟଣାର ସମୟ ସମ୍ପର୍କରେ କିଛି ଜଣାପଡୁନାହିଁ ।

*(ସିରତ୍ ଖାତ୍‌ମୁନ୍ ନବିଇନ୍ ସ:ଆ:ସ ଲେଖକ ହଜ୍‌ରତ୍ ମିର୍ଜା ବଶିର୍ ଅହମଦ୍ ସାହେବ ର:ଅ ପୃ-୭୪୧ ରୁ ୭୪୩)*

ସୁଲ୍‌ହ୍ ହୁଦବିୟା ଅବସରରେ ହଜ୍‌ରତ୍ ସଲ୍‌ମା ବିନ୍ ଅସଲମ୍‌ଙ୍କ ସମ୍ବନ୍ଧରେ ଏ କଥା ମିଳୁଛି ଯେ, ହଜରତ ଉମ୍ମେ ଅମାରା ବର୍ଣ୍ଣନା କରନ୍ତି ମୁଁ ସୁଲେ ହୁଦେବିୟା ଦିନ ହଜୁର ସ.ଅ ବସିଥିବା ସମୟରେ ଆପଣଙ୍କୁ ଦେଖୁଥିଲି ଯେତେବେଳେ କି ହଜରତ ଅବାଦ ବିନ୍ ବଶର ଓ ହଜରତ ସଲମା ବିନ୍ ଅସ୍‌ଲମ୍ ଉଭୟେ ଯୁଦ୍ଧ ବସ୍ତ୍ର ପରିଧାନ କରି ହଜୁର ସ.ଅଙ୍କ ଅଙ୍ଗରକ୍ଷକ ଭାବରେ ପହରା ଦେଉଥିଲେ । ଯେତେବେଳେ କୁରୈଶର ଦୂତ ସୋହେଲ ବିନ୍ ଉମେର ଉଚ୍ଚସ୍ୱରରେ କହିବା ଆରମ୍ଭ କଲେ ସେତେବେଳେ ଉକ୍ତ ଅଙ୍ଗରକ୍ଷୀ ଦ୍ୱୟ କହିଲେ ନିଜ ସ୍ୱର ହଜୁର ସ.ଅଙ୍କ ନିକଟରେ ଧିମା ରଖ । *(କିତାବୁଲ୍ ମଗାଜି ଖଣ୍ଡ-୨, ପୃ-୯୩, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୪)* ଏହା ସେମାନଙ୍କର ଏକ ବିଶେଷ ସେବା ଥିଲା ଯାହାକି ସେମାନେ ସେହି ଅବସରରେ ସମ୍ପାଦନ କରିଥିଲେ ।

ପରବର୍ତୀ ଯେଉଁ ସାହାବାଙ୍କ ଚର୍ଚ୍ଚା କରିବି ତାଙ୍କ ନାମ ହେଉଛି ହଜରତ ଉକବା ବିନ୍ ଉସମାନ ର:ଅ । ହଜରତ ଉକବା ବିନ୍ ଉସମାନ ର:ଅଙ୍କ ମାଆଙ୍କ ନାମ ଉମ୍ମେ ଯମିଲ୍ ବିନ୍‌ତ କୁତ୍‌ବା ଥିଲା *(ତବ୍‌କାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍ ଖଣ୍ଡ-୩, ପୃ-୩୦୦....... ବେରୁତ ଲେବ୍‌ନାନ୍ ୧୯୯୬)*

ହଜରତ ଉକବା ବିନ୍ ଉସମାନ ର:ଅ ଅନ୍‌ସାରର କବିଲା ଜୁରୈକ୍‌ର ଥିଲେ ଓ ଆପଣଙ୍କ ଭାଇ ହଜରତ ସାଦ ବିନ୍ ଉସମାନଙ୍କୁ ବଦର ଓ ଓ୍ୱହଦ ଯୁଦ୍ଧରେ ସାମିଲ ହେବାର ସୌଭାଗ୍ୟ ଅର୍ଜନ କରିଥିଲା । ବିଭିନ୍ନ ଇତିହାସ ପୁସ୍ତକ ଗୁଡ଼ିକରେ ଏ କଥା ବର୍ଣ୍ଣିତ ଅଛି ଯେ ଓ୍ୱହଦ୍ ଯୁଦ୍ଧ ଅବସରରେ ଯେଉଁ କେତେଜଣ ଲୋକେ ଭିଷଣ ଆକ୍ରମଣ ଯୋଗୁଁ ସାମୟିକ ରୂପେ ପଳାୟନ କରିଯାଇଥିଲେ ସେମାନଙ୍କ ମଧ୍ୟରୁ ଦୁଇ ଜଣ ବ୍ୟକ୍ତି ହଜରତ ଉକବା ବିନ୍ ଉସମାନ ର:ଅ ଏବଂ ହଜରତ ସାଆଦ୍ ବିନ୍ ଉସମାନ ର:ଅ ମଧ୍ୟ ଥିଲେ । ଏପରି କି ସେମାନେ ଆୱସ୍‌ର ସମ୍ମୁଖରେ ଥିବା ଜଲ୍ ଅପର୍ ପାହାଡ଼ରେ ପହଂଚିଗଲେ ଓ ତିନିଦିନ ପର୍ଯ୍ୟନ୍ତ ସେଠାରେ ରହିଲେ । ଆୱସ୍ ମଦିନାରୁ କିଛି ମାଇଲ ଦୂରତାରେ ଅବସ୍ଥିତ ଗୋଟିଏ ସ୍ଥାନର ନାମ ପୁଣି ଯେତେବେଳେ ସେହି ଦୁଇଜଣ ଯାକ ଫେରିଯାଇ ଆଁ ହଜ୍‌ରତ୍ ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲେ ଓ ସମସ୍ତ ବିଷୟ ଚର୍ଚ୍ଚା କଲେ ଏହା ଶୁଣି ରସୁଲୁଲ୍ଲାଃ ସ:ଆ:ସ କହିଲେ ***ଲକଦ୍ ଜହବ୍‌ତୁମ୍ ଫିହା ଅରିଜାଃ*** ଅର୍ଥାତ୍ ତୁମେ ଏପରି ସ୍ଥାନକୁ ଚାଲିଗଲ ଯାହା ଖୁବ୍ ପ୍ରସସ୍ତ ଥିଲା । *(ଉସ୍‌ଦୁଲ୍ ଗାବାଃ ଫିର୍ ମାର୍‌ଫତୁସ୍ ସାହାବା ଖଣ୍ଡ-୪, ପୃ-୫୪ ରୁ ୫୫, ହଜରତ ଉକବା ବିନ୍ ଉସମାନ ର:ଅ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୮)*

*(ଯାମେଉଲ୍ ବୟାନ୍ ଫି ତାୱିଲିଲ୍ କୁରୁଆନ୍....... ଖଣ୍ଡ-୪, ପୃ-୧୮୩ ରୁ ୧୮୪, ସୁରାଃ ଆଲେ ଇମ୍‌ରାନ୍ ର:ଅ ୧୫୬ ଆୟତ ଅନ୍ତର୍ଗତ, ମୁଦ୍ରଣ ଦାରୁଲ୍ ଅହ୍ୟାୟତ ତୁରାସୁଲ୍ ଅରବୀ ବେରୁତ ୨୦୦୧) (ମୁଆଜମୁଲ୍ ଗୁଲ୍‌ଦାନ୍, ଖଣ୍ଡ-୧, ପୃ-୧୮୦ ଆୱସ୍ ଶବ୍ଦ ଅନ୍ତର୍ଗତ)*

ସେ ଯାହା ହେଉ ଆଁ ହଜ୍‌ରତ୍ ସ:ଆ:ସ ତାଙ୍କର ଦୋଷକୁ ଅଣଦେଖା କରି ତାଙ୍କ କ୍ଷମା କରିଦେଲେ କୌଣସି ପ୍ରକାରର ପଚରା ଉଚରା କଲେ ନାହିଁ ।

ପରବର୍ତୀ ସାହାବି ହେଲେ ହଜରତ ଅବଦୁଲ୍ଲାଃ ବିନ୍ ସହଲ୍ ର:ଅ । ହଜରତ ଅବଦୁଲ୍ଲାଃ ବିନ୍ ସହଲ୍ ର:ଅଙ୍କ ସମ୍ବନ୍ଧ କବିଲା ବନି ଯଉରାଆ ସହିତ ଥିଲା ତାହା ବନୁ ଅବଦଲ୍ ଅଶହଲ୍‌ଙ୍କ ବନ୍ଧୁ କବିଲା ଥିଲା । ଏହା ମଧ୍ୟ ବର୍ଣ୍ଣିତ ଅଛି ଯେ ସେ ଗସାନି କବିଲାର ଥିଲେ । ହଜରତ ଅବଦୁଲ୍ଲାଃ ବିନ୍ ସହଲ୍ ର:ଅଙ୍କ ଦାଦାଙ୍କ ନାମ କିଛି ଲୋକେ ଯୟଦ୍ ଓ ଆଉ କିଛି ଲୋକ ରାଫେ ବୋଲି ବର୍ଣ୍ଣନା କରିଛନ୍ତି । ହଜରତ ଅବଦୁଲ୍ଲାଃ ବିନ୍ ସହଲ୍ ର:ଅଙ୍କ ମାଆଙ୍କ ନାମ ସାଆବା ବିନ୍‌ତ ତୟେହାନ୍ ଥିଲା ଯିଏ ହଜ୍‌ରତ୍ ଅବୁଲ୍ ହଏଶମ୍ ବିନ୍ ତୟେହାନ୍ ର:ଅଙ୍କ ଭଉଣୀ ଥିଲେ । ହଜରତ ଅବଦୁଲ୍ଲାଃ ବିନ୍ ସହଲ୍ ର:ଅ ହଜରତ ରାଫେ ବିନ୍ ସହଲ୍‌ଙ୍କର ଭାଇ ଥିଲେ । ସେ ବଦର, ଓ୍ୱହଦ ଓ ଖନ୍ଦକ ଯୁଦ୍ଧରେ ସାମିଲ ଥିଲେ ଏବଂ ଖନ୍ଦକ ଯୁଦ୍ଧରେ ଶହିଦ୍ ହୋଇଥିଲେ । ବନୁ ଉୱେଫ୍‌ର ଜଣେ ବ୍ୟକ୍ତି ତାଙ୍କୁ ତୀର ମାରି ଶହୀଦ କରିଥିଲା । *(ଶିରତୁଲ୍ ନବୱିୟା ଲେ ଇବ୍‌ନେ ହୁଶାମ୍ ପୃ-୪୬୪..... ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୧) (ତବ୍‌କାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍ ଖଣ୍ଡ-୩, ପୃ-୨୩୬ ହଜରତ ଅବଦୁଲ୍ଲାଃ ବିନ୍ ସହଲ୍ ର:ଅ...... ୧୯୯୬) (ଉସ୍‌ଦୁଲ୍ ଗାବାଃ..... ଖଣ୍ଡ-୩, ପୃ-୨୬୯ ହଜରତ ଅବଦୁଲ୍ଲାଃ ବିନ୍ ସହଲ୍ ର:ଅ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୮)*

ମୁଗିରାଃ ବିନ୍ ହକିମ୍ ବର୍ଣ୍ଣନା କରୁଛନ୍ତି ଯେ, ମୁଁ ହଜରତ ଅବଦୁଲ୍ଲାଃ ବିନ୍ ସହଲ୍ ର:ଅଙ୍କୁ ପଚାରିଲି ଯେ, କଣ ଆପଣ ବଦର୍ ଯୁଦ୍ଧରେ ସାମିଲ ହୋଇଥିଲେ କି ? ସେ ଉତର ଦେଲେ ଯେ ହଁ ଏବଂ ମୁଁ ବୟତେ ଉକ୍‌ବାରେ ମଧ୍ୟ ସାମିଲ ଥିଲି । *(ମଜମଉଲ୍ ଯୱାଇଦ୍...... ଖଣ୍ଡ-୬, ପୃ-୧୦୮, କିତାବୁଲ୍ ମଗାଜି...... ହଦିସ୍ ୧୦୦୪୪, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୧)*

ହମରା ଉଲ୍ ଅସଦ୍ ଯାହାକି ମଦିନା ଠାରୁ ଆଠ ମିଲ୍ ଦୂରରେ ଅବସ୍ଥିତ ଏକ ସ୍ଥାନ ଅଟେ ସେହି ସ୍ଥଳେ ଯେଉଁ ଯୁଦ୍ଧ ଲଢାଯାଇଥିଲା ସେଥିରେ ମଧ୍ୟ ହଜରତ ଅବଦୁଲ୍ଲାଃ ସାମିଲ ହେବାର ବର୍ଣ୍ଣନା ସିରତ ନବୀ ସ.ଅ ପୁସ୍ତକରେ ମିଳୁଅଛି । ଓ୍ୱହଦ ଯୁଦ୍ଧରେ ଆପଣ ଓ ଆପଣଙ୍କ ଭାଇ ଅତ୍ୟଧିକ କ୍ଷତବିକ୍ଷତ ହୋଇଥିଲେ । ଯେତେବେଳେ ଦୁଇ ଭାଇ ହମରା ଉଲ୍ ଅସଦ ଯୁଦ୍ଧରେ ସାମିଲ ହେବା ବାବଦରେ ହଜୁର ସ.ଅଙ୍କ ଆଦେଶ ଶୁଣିଲେ ସେତେବେଳେ ଜଣେ ଅନ୍ୟ ଜଣକୁ କହିଲେ ଅଲ୍ଲାଃଙ୍କ ରାଣ ଯଦି ଆମେ ହଜୁର ସ.ଅଙ୍କ ସାଥିରେ ଯୁଦ୍ଧରେ ସାମିଲ ନହୁଏ ତେବେ ଏହା ଆମର ବହୁତ ବଡ଼ ଦୁର୍ଭାଗ୍ୟ ହେବ । ଅଲ୍ଲାଃଙ୍କ ରାଣ ! ଆମ ନିକଟରେ କୌଣସି ବାହନ ନାହିଁ । ହଜରତ ଅବଦୁଲ୍ଲାଃ କହିଲେ ମୋ ସହିତ ଆସ ଆମେ ଚାଲିଚାଲି ଯିବା । ଅତଏବ ସେମାନେ ପଡ଼ିଉଠି ଯୁଦ୍ଧ କ୍ଷେତ୍ର ଆଡ଼କୁ ଚାଲିଚାଲି ଅଗ୍ରସର ହେଲେ, ହଜରତ ରାଫେ ଦୁର୍ବଳ ଅନୁଭବ କରିବାରୁ ହଜରତ ଅବଦୁଲ୍ଲାଃ ତାଙ୍କୁ ନିଜ ପିଠି ଉପରେ ଉଠାଇନେଲେ ଏପରି ଦୁହେଁ ଇଶା ବେଳକୁ ହଜୁର ସ.ଅଙ୍କ ନିକଟରେ ଉପସ୍ଥିତ ହୋଇଗଲେ । ସାହାବାମାନେ ସେ ସମୟରେ ନିଆଁ ଜଳାଉଥିଲେ ଅର୍ଥାତ୍ ଗୋଟେ ଗୋଲାକାର ଭାବରେ ବସିଥିଲେ ସେତେବେଳେ ଦୁଇ ଜଣଯାକ ରସୁଲୁଲ୍ଲାଃ ସ:ଆ:ସଙ୍କ ସମ୍ମୁଖରେ ଉପସ୍ଥିତ ହେଲେ ରାତି ସମୟ ଥିଲା । ସେହି ଦିନ ରାତିରେ ହଜରତ ଅବାଦ ବିନ୍ ବଶର ହଜୁର ସ.ଅଙ୍କୁ ପହରା ଦେବା ପାଇଁ ମୁତୟନ ଥିଲେ । ହଜୁର ସ.ଅ ସେହି ଦୁହିଁଙ୍କୁ ପଚାରିଲେ ତୁମେ ଦୁହେଁ କେଉଁ କାରଣ ଯୋଗୁଁ ପଛରେ ରହିଯାଇଥିଲ, ସେମାନେ କାରଣ ଦର୍ଶାଇଲେ । ଏଥିରେ ହଜୁର ସ.ଅ ସେମାନଙ୍କୁ ଦୁଆ ଦେଇ କହିଲେ ଯଦି ତୁମ ଦୁହିଁଙ୍କୁ ଦିର୍ଘ ଜୀବନ ଲାଭ ହୁଏ ତେବେ ତୁମେ ଦେଖିବ ଯେ, ତୁମମାନଙ୍କୁ ଘୋଡ଼ା, ଖଚର ଓ ଓଟ ବାହନ ରୂପେ ପ୍ରାପ୍ତ ହେବ । ଏବେ ତ ତୁମେ ପଡ଼ିଉଠି ପାଦରେ ଚାଲି ଆସିଛ କିନ୍ତୁ ତୁମେ ଦୀର୍ଘ ଜୀବନ ଲାଭ କରି ଏହା ଦେଖିବ ଯେ ଏହି ସମସ୍ତ ସବାରି ଗୁଡ଼ିକ ତୁମକୁ

ମିଳିଯିବ କିନ୍ତୁ ତତ୍ ସହିତ ଏହା ମଧ୍ୟ କହିଦେଲେ ଯେ **କିନ୍ତୁ ତାହା ତୁମ ପାଇଁ ତୁମର ଏହି ଯାତ୍ରାଠାରୁ ଶ୍ରେୟସ୍କର ହେବ ନାହିଁ ଯାହାକି ତୁମେ ପଡ଼ିଉଠି ଚାଲିଚାଲି ଅତିକ୍ରମ କରିଛ । *(ସୁବୁଲୁଲ୍ ହୁଦା..... ଖଣ୍ଡ-୪, ପୃ-୩୧୦..... ଯୁଦ୍ଧ ହମ୍ରାଉଲ୍ ଅସଦ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୩)* । ଏହାର ପ୍ରତିଫଳ ଓ ବର୍‌କାତ୍‌ର ପରିଣାମ ବେଶ୍ ଅଧିକ ।**

ହମରା ଉଲ୍ ଅସଦ୍ ଯୁଦ୍ଧର କାରଣ ଦର୍ଶାଇ ହଜରତ ମିର୍ଜା ବଶିର ଅହମଦ ସାହେବ ଲେଖିଛନ୍ତି ଓ୍ୱହଦ ଯୁଦ୍ଧ ପରେ ମଦିନାରେ ଯେଉଁ ରାତି ଥିଲା ତାହା ଅତ୍ୟନ୍ତ ଭୟାବହ ଓ କଷ୍ଟକର ରାତ୍ରି ଥିଲା କାରଣ ଯଦିଚ କୁରୈଶର ସୈନିକମାନେ ମକ୍କା ଫେରିବା ମାର୍ଗ ଧରିନେଇଥିଲେ କିନ୍ତୁ ଏହି ଆଶଙ୍କା ଲାଗି ରହିଥିଲା କି ଅମାନ୍ୟକାରୀମାନେ ଏପରି ହରକତ୍ ମୁସଲମାନମାନଙ୍କୁ ଭ୍ରମିତ କରିବା ନିମନ୍ତେ କରିନଥାନ୍ତୁ । ପ୍ରକାଶ୍ୟରେ ତ ସେମାନେ ଓ୍ୱହଦ ଯୁଦ୍ଧ ଜିତି ସାରିଥିଲେ ଓ ମକ୍କା ଫେରି ଯାଉଥିଲେ କିନ୍ତୁ ମୁସଲମାନମାନଙ୍କୁ ଏ ଚିନ୍ତା ଘାରୁଥିଲା ଯେ କାଳେ ତାଙ୍କର ଏହା ଗୋଟିଏ ସୁକଳ୍ପିତ ଯୋଜନା ଥିବ ତେଣୁ ମଦିନା ଉପରେ ଆକ୍ରମଣ କରିବା ପାଇଁ ପୁଣି ସେମାନେ ଫେରି ଆସିବେ ସୁତରାଂ ସେହି ଦିନ ରାତିରେ ଏପରି ସୁରକ୍ଷା ଦୃଷ୍ଟିରୁ ଓ ସନ୍ଦେହ ଯୋଗୁଁ ମଦିନାରେ ପହରା ଦେବାର ବ୍ୟବସ୍ଥା କରାଗଲା । ବିଶେଷ କରି ହଜୁର ସ.ଅଙ୍କ ଘର ଚର୍ତୁପାର୍ଶ୍ୱରେ ସାହାବା ପୂର୍ଣ୍ଣ ରାତ୍ର ପହରା ଦେଲେ ।

ସକାଳ ହେବାରୁ ଜଣା ପଡ଼ିଲା ସେହି ଆଶଙ୍କା ଅକାରଣେ ନଥିଲା, କାରଣ ଫଜର ନମାଜ ପୂର୍ବରୁ ହଜୁର ସ.ଅଙ୍କୁ ଏହି ଖବର ମିଳିଲା କି କୁରୈଶଙ୍କ ସୈନ୍ୟସାମନ୍ତ ମଦିନାରୁ କିଛି ଦୂରେ ଅଟକି ଯାଇଛି ଓ କୁରେଶ ମୁଖିଆଗଣଙ୍କ ମଧ୍ୟରେ ଏହି ତର୍କବିତର୍କ ଚାଲିଥିଲା କି ଏହି ଜୟଯୁକ୍ତରୁ ଉପକୃତ ହୋଇ କାହିଁକି ବା ମଦିନା ଉପରେ ଆକ୍ରମଣ କରିନଦିଆଯାଉ ଏବଂ କୁରୈଶର କିଛି ଲୋକେ ଜଣେ ଅନ୍ୟ ଜଣକୁ ତାନା ମାରୁଥିଲା ଯେ ନା ତ ତୁମେ ମୁହମ୍ମଦ (ସ:ଆ:ସ)କୁ ହତ୍ୟା କରିପାରିଲ ଓ ନା ତ ତୁମେ ମୁସଲମାନ ମହିଳାମାନଙ୍କୁ ଲୌଣ୍ଡି (ଅର୍ଥାତ୍ ଚାକରାଣୀ) ବନାଇ ପାରିଲ ଏବଂ ନା ତ ସେମାନଙ୍କର ଧନ ସମ୍ପତି ଉପରେ କବ୍‌ଜା କରିପାରିଲ ଯେବେ କି ଯେତେବେଳେ ତୁମେମାନେ ତାଙ୍କ ଉପରେ ବିଜୟ ପ୍ରାପ୍ତ କରିଲ ସେତେବେଳେ ତୁମ ନିକଟରେ ଏ ଅବସର ଥିଲା ଯେ ତୁମେ ସେମାନଙ୍କୁ ଧ୍ୱଂସ କରିଦେଇଥାନ୍ତ କିନ୍ତୁ ତୁମେମାନେ ସେମାନଙ୍କୁ ଛାଡ଼ି ଚାଲି ଆସିଲ ଯଦ୍ୱାରା ସେମାନେ ପୁଣି ମଜବୁତ୍ ହୋଇଯିବେ । ସୁତରାଂ ଏବେ ମଧ୍ୟ ମଉକା ଅଛି ଏଠାରୁ ଫେରିଯାଇ ମଦିନା ଉପରେ ଆକ୍ରମଣ କରି ମୁସଲମାନମାନଙ୍କୁ ନିପାତ କରିଦିଅ । ଏହାର ବିପରୀତ ସେମାନଙ୍କ ମଧ୍ୟରୁ କେତେକ କହୁଥିଲେ କି ତୁମମାନଙ୍କୁ ଗୋଟିଏ ବିଜୟ ଲାଭ ହୋଇଛି, ଏହାକୁ ନିଜର ସୌଭାଗ୍ୟ ମଣି ମକ୍କା ଫେରିଚାଲ । ଏପରି ନହୁଏ କି ବିଜୟ ପରାଜୟରେ ପରିଣତ ହୋଇଯାଉ କାରଣ ଯଦି ବର୍ତମାନ ତୁମେ ମଦିନା ଉପରେ ଆକ୍ରମଣ କର ତେବେ ସୁନିଶ୍ଚିତ ରୂପେ ମୁସଲମାନମାନେ ପ୍ରାଣମୂର୍ଚ୍ଛା ଆକ୍ରମଣ କରିବେ ଏବଂ ଯେଉଁମାନେ ଓ୍ୱହଦ ଯୁଦ୍ଧରେ ସାମିଲ ନଥିଲେ ସେମାନେ ମଧ୍ୟ ଯୁଦ୍ଧକ୍ଷେତ୍ରକୁ ବାହରି ଆସିବେ । କିନ୍ତୁ ପରିଶେଷରେ ଉତ୍ସାହିତ ଲୋକମାନଙ୍କ ରାୟକୁ ଗ୍ରହଣ କରାଗଲା ଓ କୁରୈଶ ମଦିନା ଆଡ଼କୁ ଫେରିଯିବା ପାଇଁ ପ୍ରସ୍ତୁତ ହୋଇଗଲେ । ହଜୁର ସ.ଅଙ୍କୁ ଯେତେବେଳେ ଏସମସ୍ତ ଘଟଣାର ସୂଚନା ମିଳିଲା ସେତେବେଳେ ହଜୁର ସ.ଅ ସଙ୍ଗେସଙ୍ଗେ ଘୋଷଣା କରିଦେଲେ କି ମୁସଲମାନମାନେ ପ୍ରସ୍ତୁତ ହୋଇଯାନ୍ତୁ କିନ୍ତୁ ତତ୍‌ସହିତ ଏହି ଆଦେଶ ମଧ୍ୟ ଦେଲେ କି କେବଳ ଓ୍ୱହଦ ଯୁଦ୍ଧରେ ସାମିଲ ହୋଇଥିବା ଲୋକମାନେ ହିଁ ଆମ ସହିତ ଯିବେ ତାଙ୍କ ବ୍ୟତୀତ ଅନ୍ୟ କେହି ବାହାରନ୍ତୁ ନାହିଁ । ସୁତରାଂ ଓ୍ୱହଦ୍ ଯୁଦ୍ଧରେ ଯେଉଁ ମୋଯାହିଦ୍‌ମାନେ ଯୁଦ୍ଧ କରିଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ କ୍ଷତାକ୍ତ ହୋଇଥିଲେ କିନ୍ତୁ ଏହା ସତ୍ୱେ ମଧ୍ୟ ସେମାନେ ନିଜର କ୍ଷତ ସ୍ଥାନକୁ ବାନ୍ଧି ନିଜ ମୁନିମ୍‌ଙ୍କ ସହିତ ମିଶିଗଲେ ଓ ଏପରି ଲେଖା ଯାଇଛି ଯେ ଏହି ଅବସରରେ ମୁସଲମାନମାନେ ଏତେ ଆନନ୍ଦିତ ଓ ଉତ୍ସାହିତ ହୋଇ ବାହାରିଲେ କି ଯେପରି କୌଣସି ବିଜୟୀ ସେନା ବିଜୟ ପ୍ରାପ୍ତ କରିବା ପରେ ଶତୃଙ୍କ ଅନ୍ୱେଷଣରେ ବାହାରିଥାଏ । ଆଠ ମିଲ୍ ଦୂର ଅତିକ୍ରମ କରି ହଜୁର ସ.ଅ ହମରା ଉଲ୍ ଅସଦ୍ ଠାରେ ପହଂଚିଲେ ଯେଉଁସ୍ଥଳେ ଦୁଇଜଣ ମୁସଲମାନଙ୍କର ଶବ ପଡ଼ି ରହିଥିବାର ସେମାନଙ୍କୁ ମିଳିଲା । ତଦନ୍ତ ପରେ ଜଣା ପଡ଼ିଲା ଯେ ଏମାନେ ସେହି ଗୁପ୍ତଚର ଥିଲେ ଯାହାଙ୍କୁ ଆଁ ହଜ୍‌ରତ୍ ସ:ଆ:ସ କୁରୈଶଙ୍କ ପଛରେ ଅବସ୍ଥା ବିଷୟରେ ଜାଣିବା ପାଇଁ ପଠାଇଥିଲେ କିନ୍ତୁ ତାଙ୍କୁ କୁରୈଶର ଲୋକମାନେ ଅବସର ପାଇ ହତ୍ୟା କରିଦେଇଥିଲେ । ହଜୁର ସ.ଅ ଉକ୍ତ ଶହିଦ୍‌ଙ୍କ ଶବକୁ ଗୋଟିଏ କବର ଖୋଳି ଏକତ୍ର ପୋତିଦେଲେ ଓ ଯେହେତୁ ସନ୍ଧ୍ୟା ହୋଇଯାଇଥିଲା ତେଣୁ ସେହିଠାରେ ଶିବିର ଲଗାଇ ପଡ଼ିଆର ବିଭିନ୍ନ ସ୍ଥାନରେ ଅଗ୍ନି ପ୍ରଜ୍ୱଳିତ କରିବାର ଆଦେଶ ଦେଲେ । ଅତଏବ ଦେଖୁଦେଖୁ ହମରା ଉଲ୍ ଅସଦ୍‌ର ବିସ୍ତିର୍ଣ୍ଣ ପଡ଼ିଆରେ ୫୦୦ ଅଗ୍ନି କୁଣ୍ଡ ପ୍ରଜ୍ୱଳିତ ହୋଇଉଠିଲା ଯାହାକି ପ୍ରତ୍ୟେକ ଦେଖଣାହାରୀର ହୃଦୟକୁ ଭୟର ସାଗରେ ନିକ୍ଷେପ କରିଦେଉଥିଲା । ବହୁତ ଭୟ ଲାଗିଥିଲା ଅନେକ ଲୋକ ଏହି କଥା ଭାବୁଥିଲେ ଯେ ଏହା ବୋଧ ହୁଏ ଏକ ବହୁତ ବଡ଼ ଲୋକ ସମୁହ ଓ ଏଠାରେ ବୋଧ ହୁଏ ବଡ଼ ବଡ଼ ଛାଉଣି ତିଆରି ହୋଇଛି । ଏହି ସମୟରେ ଖଯାଆ କବିଲାର ଜଣେ ଅମାନ୍ୟକାରୀ ମୁଖିଆ ମାଆବଦ୍ ନାମି ହଜୁର ସ.ଅଙ୍କ ନିକଟରେ ଉପସ୍ଥିତ ହେଲା ଏବଂ ଓ୍ୱହଦ୍ ଯୁଦ୍ଧରେ ଶହିଦ୍ ହୋଇଥିବା ମୁସଲମାନମାନଙ୍କୁ ନେଇ ସହାନୁଭୂତି ପ୍ରଦର୍ଶନ କରି କ୍ଷୋଭ ପ୍ରକାଶ କଲା । ତାପରେ ନିଜ ରାସ୍ତାରେ ଚାଲିଗଲା । ଦ୍ୱିତୀୟ ଦିନ ଯେତେବେଳେ ସେ ରୌହା ନାମକ ସ୍ଥାନରୁ ଯାହାକି ମଦିନା ଠାରୁ ୪୦ମିଲ୍ ଦୂରରେ ଅବସ୍ଥିତ ସ୍ଥାନରେ ପହଂଚିଲା, କୁରୈଶର ସୈନ୍ୟସାମନ୍ତଙ୍କୁ ଭେଟିଲା ଯେ ସେଠାରେ ଶିବିର ଲଗାଇ ଅଟକି ରହିଥିଲେ ଏବଂ ସେମାନେ ମଦିନା ଉପରେ ପୁନଃ ଆକ୍ରମଣ କରିବାର ପ୍ରସ୍ତୁତି କରୁଥିଲେ । ମାଆବଦ୍ ସଙ୍ଗେସଙ୍ଗେ ଅବୁ ସୁଫୟାନ ନିକଟକୁ ଯାଇ କହିଲା ତୁମେ ଏ କ'ଣ କରିବାକୁ ଯାଉଛ । ଅଲ୍ଲାଃଙ୍କ ରାଣ ! ମୁଁ କାଲି ରାତିରେ ହିଁ ମହମ୍ମଦ ସ.ଅଙ୍କୁ ତାଙ୍କର ସୌନ୍ୟସାମନ୍ତ ସହ ହମରା ଉଲ୍ ଅସଦ୍ ଠାରେ ଦେଖିଆସିଛି ଏବଂ ଏଭଳି ଭୟଙ୍କର ସୌନ୍ୟସାମନ୍ତ ମୁଁ ପୂର୍ବରୁ କଦାପି ଦେଖି ନାହିଁ ଏବଂ ଓ୍ୱହଦ ଯୁଦ୍ଧର ପରାସ୍ତରେ ସେମାନେ ଏଭଳୀ ଉତ୍‌କ୍ଷିପ୍ତ କି ତୁମମାନଙ୍କୁ ଦେଖିଲା ମାତ୍ରେ ସେମାନେ ଭଷ୍ମ କରିଦେବେ । ଅବୁ ସୁଫୟାନ ଓ ତାହାର ସାଥିମାନଙ୍କ ଉପରେ ମାଆବଦ୍‌ର ଏହି ସୂଚନା ଏଭଳି ଭିଷଣ ପ୍ରଭାବ ପକାଇଲା କି ସେମାନେ ମଦିନା ଉପରେ ଆକ୍ରମଣ କରିବା ବିଚାର ପରିହାର କରି ସଙ୍ଗେସଙ୍ଗେ ମକ୍କା ଫେରିଗଲେ । **ହଜୁର ସ.ଅଙ୍କୁ କୁରେଶଙ୍କର ଏପରି ପଳାୟନ କରିବାର ଖବର ପାଇବା ପରେ ନିଜ ସୃଷ୍ଟିକର୍ତାଙ୍କର ଅଶେଷ କୃତଜ୍ଞତା ଜ୍ଞାପନ କଲେ ଏବଂ କହିଲେ ଏହା ପ୍ରଭୁଙ୍କର ଭୟ ଥିଲା ଯାହାକି ଅମାନ୍ୟକାରୀଙ୍କ ହୃଦୟକୁ କବଳିତ କରିଦେଲା** । ଏହାପରେ ଆପଣ ସ:ଆ:ସ ହମ୍ରାଉଲ ଅସଦ୍‌ଠାରେ ଆଉ ଦୁଇ ତିନି ଦିନ ରହିଲେ ଏବଂ ପୁଣି ପାଂଚ ଦିନର ଅନୁପସ୍ଥିତ ପରେ ମଦିନାକୁ ଫେରି ଆସିଲେ । *(ସିରତ ଖାତମୁନ୍ ନବିଇନ୍ ପୃ-୫୦୪ ରୁ ୫୦୫) (ଲୁଗାତୁଲ୍ ହଦିସ୍ ଖଣ୍ଡ୦୨, ପୃ-୧୪୯ ରୌହା ଶଦ୍ଦ ଅନ୍ତର୍ଗତ)*

ହଜୁର ଅନଓ୍ୱର ଅ.ବ କହିଲେ- ପରବର୍ତୀ ସାହାବା ଜାହାଙ୍କ ଚର୍ଚ୍ଚା କରିବି ସେ ହେଲେ ହଜରତ ଉତବା ବିନ୍ ରବିୟା । ହଜ୍‌ରତ୍ ଉତ୍‌ବାଙ୍କ ସମ୍ୱନ୍ଧ କସ୍ କବିଲା ସହିତ ଥିଲା ଏ ସମ୍ୱନ୍ଧରେ ଐତିହାସିକ ମାନଙ୍କ ମଧ୍ୟରେ ମତଭେଦ ରହିଛି । ଇବ୍‌ନେ ଇସ୍‌ହାକ୍ ବର୍ଣ୍ଣନା କରୁଛନ୍ତି ଯେ ହଜ୍‌ରତ୍ ଉତ୍‌ବା ବିନ୍ ରବିୟା ର:ଅ କବିଲା ବନୁ ଲୌଜାନ୍‌ର ବନ୍ଧୁ ଥିଲେ ଓ ତାଙ୍କ ସମ୍ୱନ୍ଧ କବିଲା ବହ୍‌ରାଆ ସହିତ ଥିଲା ଓ ଆଉ କେତେକଙ୍କ ମତରେ ସେ କବିଲା ଅଓସ୍‌ର ବନ୍ଧୁ ଥିଲେ ସେ ଯାହା ହେଉନା କାହିଁକି ସେ ବଦର ଓ ଓ୍ୱହଦ ଯୁଦ୍ଧରେ ସାମିଲ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ଅଲାମା ଇବନେ ହଜରେ୍ ଅସକଲାନି ବର୍ଣ୍ଣନା କରନ୍ତି କି ୟରମୁକ୍ ଯୁଦ୍ଧରେ ସାମିଲ ହୋଇଥିବା ଧର୍ମାଣୀୟ ମୁସଲମାନମାନଙ୍କ ମଧ୍ୟରେ ଜଣେ ଉତବା ବିନ୍ ରବିୟା ଥିଲେ । ସେ କହୁଛନ୍ତି କି, ମୋ ନିକଟରେ ସେ ହେଉଛନ୍ତି ଉକ୍ତ ସାହାବି । *(ସିରତୁଲ୍ ନବଓ୍ୱିୟା ଲେ ଇବ୍‌ନେ ହୁଶାମ୍ ପୃ-୪୬୯...... ଦାରୁଲ୍ କୁତବୁଲ୍ ଇଲ୍‌ମିୟା ବେରୁତ ଲେବ୍‌ନାନ ୨୦୦୧) (ତବ୍‌କାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍ ଖଣ୍ଡ-୩, ପୃ-୨୮୪........ ବେରୁତ ଲେବ୍‌ନାନ୍ ୧୯୯୬) (ଅଲ୍‌ଅସାବା ଫି ତମିଜି ସାହାବା ଖଣ୍ଡ-୪, ପୃ-୩୬୦...... ଦାରୁଲ୍ କୁତବୁଲ୍ ଇଲ୍‌ମିୟା ବେରୁତ ଲେବ୍‌ନାନ ୨୦୦୫)*

ୟରମୁକ୍ ଯୁଦ୍ଧର ବିବରଣୀ କିଛି ଏପରି ଅଛି ଯେ, ଉକ୍ତ ଯୁଦ୍ଧ ୧୨/୧୩ ହିଜରୀରେ ହଜରତ ଅବୁବକର ର.ଅଙ୍କ ଖିଲାଫତ୍ ସମୟ କାଳରେ ଖାଲିଦ୍ ବିନ୍ ଓଲିଦ୍‌ଙ୍କ ଅଧ୍ୟକ୍ଷତାରେ ରୋମୀମାନଙ୍କ ସହ ଲଢା ଯାଇଥିଲା । ୧୨ ହିଜ୍‌ରିରେ ହଜ୍‌ରତ୍ ଅବୁବକର ର:ଅ ଯେତେବେଳେ ହଜ୍ କାର୍ଯ୍ୟ ସମ୍ପାଦନ କରି ମଦିନା ଫେରିଆସିଲେ ସେତେବେଳେ ଆପଣ ର:ଅ ୧୩ ହିଜ୍‌ରିର ପ୍ରାରମ୍ଭରେ ମୁସଲମାନମାନଙ୍କ ସେନାଙ୍କୁ ଶିରିଆ ଦେଶ ଆଡ଼କୁ ପ୍ରେରଣ କଲେ ସୁତରାଂ ହଜ୍‌ରତ୍ ଅମ୍‌ରୋ ବିନ୍ ଆସ ର:ଅଙ୍କୁ ପାଲେଷ୍ଟାଇନ୍ ଆଡ଼କୁ, ୟଜିଦ୍‌ବିନ୍ ଅବୁ ସୁଫିୟାନ୍, ହଜ୍‌ରତ୍ ଅବୁ ଉବୈଦ୍‌ାଃ ବିନ୍ ଜରାହାଃ ର:ଅ ଏବଂ ହଜ୍‌ରତ୍ ଶୁର୍ ହିବିଲ୍ ବିନ୍ ହସ୍‌ନା ର:ଅଙ୍କୁ ନିର୍ଦ୍ଦେଶ ଦେଲେ ଯେ ଶିରିଆ ଦେଶର ଉଚ୍ଚ ଇଲାକା ବଲ୍‌କା ଉପରେ ଦେଇ ତବୁକିୟା ସ୍ଥାନକୁ ଚାଲିଯାଅ । ହଜ୍‌ରତ୍ ଅବୁବକର ର:ଅ ପ୍ରଥମେ ଖାଲିଦ୍‌ବିନ୍ ସଇଦ୍ ର:ଅଙ୍କୁ ଅମୀର ନିଯୋଜିତ କଲେ ଯଦିଚ ପରେ ତାଙ୍କ ସ୍ଥାନରେ ୟଜିଦ୍ ବିନ୍ ସୁଫିୟାନଙ୍କୁ ଅମୀର ବନାଇଥିଲେ । ଏହି ଲୋକମାନେ ୭୦୦୦ ମୁଜାହିଦିନ୍ (ଧର୍ମ ଯୁଦ୍ଧରେ ଲଢୁଥିବା ସେନା)ଙ୍କ ସହିତ ଶିରିଆ ଦେଶ ଆଡ଼କୁ ଗସ୍ତକଲେ । ଇସ୍‌ଲାମିୟ ସେନାର ଅମୀର ମାନେ ନିଜ ନିଜର ସେନାମାନଙ୍କୁ ନେଇ ଶିରିଆ ପହଂଚିଲେ । ହିର୍‌କଲ୍ ନିଜେ ଚାଲି ଚାଲି ହମସ୍ ରେ ପହଂଚିଲା ଓ ରୋମୀ ମାନଙ୍କର ବହୁତ ବଡ଼ ସେନା ପ୍ରସ୍ତୁତ କଲା । ସେ ମୁସଲମାନ ଅମୀର ମାନଙ୍କର ମୁକାବିଲା କରିବା ପାଇଁ ଅଲଗା ଅଲଗା ଅମୀର ନିଯୋଜିତ କଲା । ଶତୃମାନଙ୍କର ଏପରି ପ୍ରସ୍ତୁତିକୁ ଦେଖି କିଛି ଦୃବଳ ଇମାନ୍ ରଖିଥିବା ମୁସଲମାନମାନେ ଭୟଭୀତ ହୋଇଗଲେ କାରଣ ମୁସଲମାନମାନଙ୍କର ସଂଖ୍ୟା ସେତେବେଳେ କେବଳ ୨୭୦୦୦ ଥିଲା । ଏହି ପରି ପରିସ୍ଥିତିରେ ହଜ୍‌ରତ୍ ଅମ୍‌ରୋ ବିନ୍ ଆସ ର:ଅ ଏ ହିଦାୟତ ଦେଲେ ଯେ ତୁମେ ମାନେ ସମସ୍ତେ ଗୋଟିଏ ସ୍ଥାନରେ ଏକତ୍ରିତ ହୋଇଯାଅ କାରଣ ଏକତ୍ରିତ ହୋଇଯିବା କ୍ଷେତ୍ରରେ ଅଳ୍ପ ସଂଖ୍ୟା ହେବା ସତ୍ୱେ ମଧ୍ୟ ତୁମ ଉପରେ ଶତ୍ରୁମାନେ ବିଜୟ ଲାଭ କରିବା ସହଜ ହେବ ନାହିଁ । ତୁମେ ମାନେ ବହୁତ କମ୍ ସେମାନଙ୍କ ସେନାର ମୁକାବିଲା କରିବା କଷ୍ଟକର କିନ୍ତୁ ଯଦି ଏକାଠୀ ହୋଇଯିବ ତେବେ ସେମାନେ ସହଜରେ ତୁମ ଉପରେ ବିଜୟ ପ୍ରାପ୍ତ କରିପାରିବେ ନାହିଁ । ଏହାର ବିପରୀତ ଯଦି ପ୍ରତ୍ୟେକ ଲିଡ଼ରଙ୍କ ଅନ୍ତର୍ଗତ ରହି ଅଲଗା ଅଲଗା ଲଢ଼ିବ ତେବେ ମନେ ରଖ ଯେ ତୁମ ମାନଙ୍କ ମଧ୍ୟରୁ ଜଣେ ମଧ୍ୟ ବଂଚିବ ନାହିଁ କାରଣ ଆମ ବିପକ୍ଷରେ ବଡ଼ ବଡ଼ ସେନା ରହିଛନ୍ତି । ସୁତରାଂ ଏ କଥା ନିର୍ଦ୍ଧାରିତ ହେଲା ଯେ ୟରମୁକ୍ ନାମକ ସ୍ଥାନରେ ସବୁ ମସୁଲମାନ ସେନା ଏକାଠି ହୋଇଯିବେ ଓ ଏହି ପରାମର୍ଶ ହଜ୍‌ରତ୍ ଅବୁ ବକର ର:ଅ ମଧ୍ୟ ମୁସଲମାନମାନଙ୍କ ନିକଟକୁ ପଠାଇ କହିଥିଲେ ଯେ ତୁମେମାନେ ଏକାଠି ହୋଇ ଗୋଟିଏ ସେନା ହୋଇଯାଅ ଓ ନିଜ ସେନାକୁ ମୁସ୍‌ରିକ୍ ମାନଙ୍କ ସେନା ସହିତ ଲଢ଼ାଇ ଦିଅ । ତୁମେମାନେ ହେଉଛ ଅଲ୍ଲାଃଙ୍କ ସାହାର୍ଯ୍ୟକାରୀ ।

## ସାଲାନା ଇଜିତେମା

**ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ, ଖୁଦାମୁଲ୍ ଅହେମଦୀୟା ଓ ଲଜ୍ନା ଇମାଇଲ୍ଲାଃ ଭାରତ-୨୦୧୯**

ଭାରତର ସମସ୍ତ ଅନ୍‌ସାର୍, ଖୁଦାମ୍ ଓ ଲଜ୍ନା ଇମାଇଲାଙ୍କଙ୍କୁ ଲିଖିତ ରୂପେ ଅବଗତ କରାଇଦିଆଯାଉଛି ଯେ ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅ:ବ:ଅ ସଦିଚ୍ଛା ସହିତ ମର୍କଜି ସାଲାନା ଇଜିତେମା ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ, ଖୁଦାମୁଲ୍ ଅହେମଦୀୟା ଓ ଲଜ୍ନା ଇମାଇଲ୍ଲାଃ ଭାରତ-୨୦୧୯ ନିମନ୍ତେ ତା ୧୮,୧୯,୨୦ ଅକ୍ଟୋବର (ଶୁକ୍ରବାର, ଶନିବାର, ରବିବାର) ର ମଞ୍ଜୁରି ପ୍ରଦାନ କରିଛନ୍ତି । ସମସ୍ତ ଜେଲି ତଞ୍ଜିମ୍ ର କର୍ମୀମାନଙ୍କୁ ଏବେଠାରୁ କାଦିୟାନ୍ ଦାରୁଲ୍ ଅମାନ୍‌ର ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହେବାକୁ ଥିବା ଏହି ମର୍କଜି ଇଜିତେମାଅତ୍‌ରେ ସାମିଲ୍ ହେବାପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଏହି ଇଜ୍‌ତିମାଅତ୍ ତର୍‌ବିୟତ୍‌ର ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଅଟେ । ଯଜାକ୍‌ମୁଲ୍ଲାଃ- (ଇଦାରାଃ)

## ଯାମିଆ ଅହେମଦିୟା କାଦିୟାନ୍‌ରେ ନାମଲେଖା ବିଜ୍ଞାପନ

ଯାମିଆ ଅହେମଦିୟା କାଦିୟାନ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ପବିତ୍ର ଅନୁଷ୍ଠାନ, ଯେଉଁଠାରୁ ଏ ପର୍ଯ୍ୟନ୍ତ ଶହ ଶହ ବିଦ୍ୱାନ ଓ ମୁବଲ୍ଲିଗିନ୍ କରାମ୍ କୃତକାର୍ଯ୍ୟ ହୋଇ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷାକୁ ପୃଥିବୀର କୋଣ ଅନୁକୋଣରେ ପହଂଚାଇବାର କାର୍ଯ୍ୟ ସମ୍ପାଦନ କରୁଅଛନ୍ତି । ସୟଦ୍‌ନା ହଜୁର ଅନ୍‌ଓ୍ୱର ଅ:ବ:ଅ ଅନେକ ଅବସରରେ ଅହେମଦୀ ଶିକ୍ଷାର୍ଥୀମାନଙ୍କୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ପବିତ୍ର ଧାର୍ମିକ ଅନୁଷ୍ଠାନରେ ଶିକ୍ଷା ଅର୍ଜନ କରି ଯମାତ୍‌ର ସେବା କରିବା ପାଇଁ ଧ୍ୟାନ ଆକର୍ଷଣ କରାଇଛନ୍ତି ।

ଅତେବ ହଜୁର ଅନଓ୍ୱରଙ୍କ ଏହି ଉକ୍ତିକୁ ଅନୁସରଣ କରି ଅଧିକରୁ ଅଧିକ ଓ୍ୱାକିଫିନେ ନୌ ଏବଂ ଅଣ ଓ୍ୱାକିଫୈନ୍ ନୌ (ଅର୍ଥାତ୍ ସାଧାରଣ ଶିକ୍ଷାର୍ଥୀ)ଙ୍କୁ ଯାମିଆ ଅହେମଦୀୟାରେ ନାମ ଲେଖାଇ ଧର୍ମଶିକ୍ଷା ହାସଲ କରି ସିଲ୍‌ସିଲାର (ଅର୍ଥାତ୍ ଏ ସମ୍ପ୍ରଦାୟର) ସେବା କରିବା ନିମନ୍ତେ ନିଜକୁ ଉପସ୍ଥାପନ କରିବା ଉଚିତ ।

ସୁତରାଂ ଯେଉଁ ଶିକ୍ଷାର୍ଥୀମାନେ ଯାମିଆ ଅହେମଦିୟାରେ ନାମ ଲେଖାଇବାକୁ ଇଚ୍ଛୁକ ସେମାନେ ଓ୍ୱକ୍‌ଫେ ନୌ ଭାରତ ବିଭାଗ (ନଜାରତ ତାଲିମ୍) ସହିତ ସମ୍ପର୍କ ସ୍ଥାପନ କରନ୍ତୁ ଓ ଯଥାଶିଘ୍ର ନାମଲେଖା ଫର୍ମ ପୁରଣ କରି ୩୦ ଜୁନ୍ ୨୦୧୯ ସୁଧା ଓ୍ୱକ୍‌ଫେ ନୌ କାର୍ଯ୍ୟାଳୟ ଭାରତ (ନଜାରତ୍ ତାଲିମ୍) ନିକଟକୁ ପ୍ରେରଣ କରନ୍ତୁ । ଯାମିଆ ଅହେମଦୀୟାରେ ପ୍ରବେଶିକା ପରୀକ୍ଷା ତା ୧୫ ଜୁଲାଇ ୨୦୧୯ ରିଖ ଦିନ ଅନୁଷ୍ଠିତ ହେବ ।

* ନାମଲେଖା ପାଇଁ ନିମ୍ନଲିଖିତ ସର୍ତ୍ତାବଳୀ ଜରୁରୀ:-

(୧) ମାଟ୍ରିକ ପାସ କରିଥିବା ଛାତ୍ରମାନଙ୍କ ବୟସ ସୀମା ୧୭ ବର୍ଷ ଏବଂ +୨ ପାସ ଛାତ୍ରଙ୍କ ପାଇଁ ୧୯ ବର୍ଷ ରଖାଯାଇଛି । ହାଫିଜ୍‌ମାନଙ୍କ ପାଇଁ ସାଧାରଣ ନିୟମ ବର୍ହିଭୁତ ଅନୁଗ୍ରହ ଅନୁମୋଦିତ କରାଯାଇପାରେ ।

(୨) ଯାମିଆ ଅହେମଦିୟାରେ ନାମଲେଖା ନିମନ୍ତେ ନ୍ୟାଶ୍‌ନାଲ୍ କ୍ୟାରିୟର ପ୍ଲାନିଂ କମିଟି ଓ୍ୱକ୍‌ଫେ ନୌ ଭାରତ ଛାତ୍ରମାନଙ୍କ ଇଂଟରଭ୍ୟୁ (Interview) ଓ ଲିଖିତ ପରୀକ୍ଷା ନେବ ଓ ଯାମିଆ ଅହେମଦୀୟା ନିମନ୍ତେ ଚୟନ କରିବ । ଲିଖିତ ପରୀକ୍ଷାରେ ପବିତ୍ର କୋରାନ୍, ଇସ୍‌ଲାମେ ଅହେମଦୀୟତ, ଦିନିମାଲୁମାତ୍, ଉର୍ଦ୍ଦୁ, ଇଂରାଜୀ ଏବଂ ସାଧାରଣ ଜ୍ଞାନ ବିଷୟରେ ପ୍ରଶ୍ନପତ୍ର ଆସିବ ।

(୩) ଲିଖିତ ପରୀକ୍ଷାରେ ଓ Interview ଉତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କର ନୂର ହସ୍‌ପିଟାଲ୍ କାଦିୟାନ୍‌ରେ ଡ଼ାକ୍ତରୀ ପରୀକ୍ଷା କରାଯିବ । ଲିଖିତ ପରୀକ୍ଷା, Interview ଏବଂ ଡ଼ାକ୍ତରୀ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କୁ ହଜୁର ଅନଓ୍ୱରଙ୍କ ଅନୁମୋଦନ କ୍ରମେ ଯାମିଆ ଅହେମଦୀୟାରେ ପ୍ରବେଶ (Admission)ମିଳିବ ।

(୪) ଗ୍ରାଜୁଏଟ୍ ଛାତ୍ରମାନଙ୍କୁ ଯାମିଆ ଅହେମଦିୟାରେ ପ୍ରବେଶ ନିମନ୍ତେ ଅଗ୍ରାଧିକାର ଦିଆଯିବ ।

ଜିଲାଇ ଅମୀର, ଅମୀର ଯମାତ୍, ସଦର ସାହାବାନ୍ ଏବଂ ମୁବଲ୍ଲିଗିନ୍ ଓ ମୁଅଲ୍ଲିମିନ୍ କରାମ୍‌ଙ୍କୁ ଅନୁରୋଧ କରାଯାଉଛି ଯେ ବୁଦ୍ଧିମାନ, ଯୋଗ୍ୟ, ଯମାତର ସେବା କରିବାକୁ ଉତ୍ସାହ ରଖିଥିବା ଛାତ୍ର ତଥା ପୂଣ୍ୟ ଚରିତ୍ର ଗୁଣସର୍ମ୍ପନ୍ନ ଛାତ୍ରମାନଙ୍କୁ ଚୟନ କରି ସେମାନଙ୍କୁ ଯାମିଆ ଅହେମଦିୟାରେ ନାମ ଲେଖାଇବା ପାଇଁ ପ୍ରସ୍ତୁତ କରାନ୍ତୁ ଏବଂ ଯଥାଶିଘ୍ର ଏପରି ଛାତ୍ରମାନଙ୍କ ନାମଲେଖା ଫର୍ମ ପୂରଣ କରାଇ ଓ୍ୱକ୍‌ଫେ ନୌ ଭାରତ କାର୍ଯ୍ୟାଳୟ ନିକଟକୁ ପଠାନ୍ତୁ ।

ନାମ ଲେଖା ଫର୍ମ ମେଲ୍ ଜରିଆରେ ମଗାଇବା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ:

waqfenau@qadian.in

INCHARGE WAQF-E-NAU DEPARTMENT
OFFICE WAQF-E-NAU INDIA (NAZARAT TALEEM)
M.T.A BUILDING, CIVIL LINE, QADIAN
DISTRICT: GURDASPUR, PUNJAB (INDIA) PIN-143516
CONTACT: 01872-5009756, 9988991775

(ନାଜରତ୍ ତାଲିମ୍ ଏବଂ ନ୍ୟାଶ୍‌ନାଲ୍ କ୍ୟାରିୟର ପ୍ଲାନିଂ କମିଟି ଓ୍ୱକ୍‌ଫେ ନୌ ଭାରତର ସଭାପତି)

## ସଦର ଅଞ୍ଜୁମନ୍ ଅହେମଦୀୟା କାଦିଆନ୍‌ରେ ଡ୍ରାଇଭିଂ ସେବା କରିବାକୁ

ସଦର ଅଞ୍ଜୁମନ୍ ଅହେମଦୀୟା କାଦିଆନ୍‌ରେ ଡ୍ରାଇଭର୍ ପୋଷ୍ଟ ଖାଲି ଅଛି । ଯେଉଁ ବନ୍ଧୁ ଡ୍ରାଇଭର୍ ରୂପେ ସେବା କରିବାକୁ ଇଛୁକ ସେ ନିଜର ଦରଖାସ୍ତ ଦୁଇମାସ ଭିତରେ ନଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟାଙ୍କ ନିକଟକୁ ପଠାଇପାରିବେ ।

ସର୍ତ୍ତାବଳୀ:- (୧)ପ୍ରାର୍ଥୀଙ୍କ ନିକଟରେ ଡାଇଭିଂ ଲାଇସେନ୍‌ସ୍ ଓ ଡ୍ରାଇଭିଂର ଅଭିଜ୍ଞତା ଥିବା ଜରୁରୀ ଅଟେ (୨)ପ୍ରାର୍ଥୀଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତାର ସର୍ତ୍ତ ନାହିଁ (୩)ପ୍ରାର୍ଥୀକୁ ଜନ୍ମଗତ ପ୍ରମାଣପତ୍ର ଦେବା ଜରୁରୀ (୪)ସେହି ଡ୍ରାଇଭର୍ ମାନଙ୍କୁ ଖିଦ୍‌ମତ୍ (ସେବା) ନିମନ୍ତେ ଚୟନ କରାଯିବ, ଯେଉଁମାନେ ନୁର୍ ହସ୍‌ପିଟାଲ୍ କାଦିଆନ୍‌ର ମେଡିକାଲ୍ ଫିଟ୍‌ନେସ୍ ସାର୍ଟିଫିକେଟ୍ ମୁତାବକ ସ୍ୱାସ୍ଥ୍ୟବାନ୍ ଓ ଫିଟ୍ ହେବେ (୫)ସେହି ପ୍ରାର୍ଥୀମାନେ ସେବା କରିବାର ସୁଯୋଗ ପାଇବେ, ଯେଉଁମାନେ ଇଂଟର୍‌ଭ୍ୟୁ ବୋର୍ଡ କର୍ମୀ ଚୟନ ପ୍ରକ୍ରିୟାରେ ସଫଳ ହେବେ (୬)ଚୟନ କରାଯାଇଥିବା ଡ୍ରାଇଭର୍‌ମାନଙ୍କୁ ଦର୍ଜା ଦୋମ୍ (ସେକେଣ୍ଡ୍ କ୍ଲାସ୍)ର ବରାବର୍ ଆଲାଉନ୍‌ସ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଦିଆଯିବ (୭)ପ୍ରାର୍ଥୀ କାଦିଆନ୍ ଯିବା ଆସିବାର ଖର୍ଚ୍ଚ ନିଜେ ବହନ କରିବେ (୮)ଯଦି ପ୍ରାର୍ଥୀ ଚୟନ ହୁଅନ୍ତି ତେବେ ସେ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜେ କରିବେ ।

(ନୋଟ୍):- ଏ ସମ୍ବନ୍ଧୀୟ ଦରଖାସ୍ତ ଫର୍ମ୍ ନଜାରତ୍ ଦିଓ୍ୱାନ୍ ସଦର ଅଞ୍ଜୁମନ ଅହେମଦୀୟା କାଦିଆନ୍‌ଙ୍କ ଠାରୁ ହାସଲ କରିନିଅନ୍ତୁ, ଦରଖାସ୍ତ ଫର୍ମ ପୂରଣ ହୋଇ ଆସିବା ପରେ ତା ମୁତାବକ କାରବାଇ କରାଯିବ)

## ସଦର ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍‌ରେ ଚତୁର୍ଥ ଶ୍ରେଣୀ କର୍ମୀ ରୂପେ ସେବା କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଧ୍ୟାନ ଦିଅନ୍ତୁ

ସଦର ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍‌ରେ ଚତୁର୍ଥ ଶ୍ରେଣୀ କର୍ମୀ ପଦବୀର ଖାଲିସ୍ଥାନ ପୂରଣ ନିମନ୍ତେ ପ୍ରାର୍ଥୀ ଆବଶ୍ୟକ ଅଛି । ଯେଉଁମାନେ ଉକ୍ତ ପଦବୀରେ ଖିଦମତ୍ (ସେବା) କରିବାକୁ ଚାହୁଁଛନ୍ତି ସେମାନେ ନିମ୍ନଲିଖିତ ସର୍ତ୍ତାବଳୀ ମୁତାବକ ଦରଖାସ୍ତ ଦେଇପାରିବେ ।

(୧) ପ୍ରାର୍ଥୀଙ୍କ ପାଇଁ କୌଣସି ଶିକ୍ଷାଗତ ଯୋଗ୍ୟତାର ଆବଶ୍ୟକତା ନାହିଁ ।

(୨) ପ୍ରାର୍ଥୀଙ୍କ ବୟସ ୨୫ ବର୍ଷରୁ କମ୍ ହୋଇଥିବ, ଜନ୍ମ ପ୍ରମାଣ ପତ୍ର ଉପସ୍ଥାପନ କରିବା ଜରୁରୀ ।

(୩) ସେହି ପ୍ରାର୍ଥୀମାନଙ୍କୁ ଖିଦ୍‌ମତ୍ ନିମନ୍ତେ ଚୟନ କରାଯିବ ଯେଉଁମାନେ ମର୍କଜ୍ ଦ୍ୱାରା ନିୟୋଜିତ ଭର୍ତ୍ତି କମିଟିର କର୍ମୀ ଇଂଟରଭ୍ୟୁରେ ସଫଳ ହେବେ ।

(୪) ସେହି ପ୍ରାର୍ଥୀଙ୍କୁ ଖିଦ୍‌ମତ୍ କରିବାର ସୁଯୋଗ ମିଳିବ ଯେଉଁମାନେ ନୂର ହସ୍ପିଟାଲ୍ କାଦିୟାନ୍‌ର ମେଡ଼ିକାଲ୍ ବୋର୍ଡ଼ର ରିପୋର୍ଟ ମୁତାବକ ସୁସ୍ଥସବଳ ଓ ସ୍ୱାସ୍ଥ୍ୟବାନ ହୋଇଥିବେ ।

(୫) ପ୍ରାର୍ଥୀ କାଦିୟାନ୍ ଯାତୟାତର ଖର୍ଚ୍ଚ ନିଜେ ବହନ କରିବେ ।

(୬) ଯଦି କୌଣସି ପ୍ରାର୍ଥୀ ନିଯୁକ୍ତି ପାଆନ୍ତି ତେବେ ଏପରି ପରିସ୍ଥିତିରେ ପ୍ରାର୍ଥୀ କାଦିୟାନରେ ରହିବାର ବ୍ୟବସ୍ଥା ନିଜେ କରିବେ ।

(୭) ପ୍ରସ୍ତାବିତ ଦରଖାସ୍ତ ଫର୍ମ ନଜାରତ୍ ଦିଓ୍ୱାନ୍ ସଦର ଅଞ୍ଜୁମନ ଅହେମଦିୟାଙ୍କଠାରୁ ହାସଲ କରିନିଅନ୍ତୁ ।

ଏହି ବିଜ୍ଞାପନ ଘୋଷଣାର ଦୁଇମାସ ମଧ୍ୟରେ ଯେଉଁ ଦରଖାସ୍ତଗୁଡ଼ିକ ହସ୍ତଗତ ହେବ, ତାହା ବିଚାରକୁ ନିଆଯିବ । (ନାଜର୍ ଦିଓ୍ୱାନ୍ କାଦିଆନ୍)

ଅଧିକ ଜାଣିବା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରିପାରିବେ
ନଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା, କାଦିଆନ୍
ଅଫିସ୍:- ୦୧୮୭୨-୫୦୧୧୩୦
ଇ-ମେଲ୍:- nazaratdiwanqdn@gmail.com

## ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ''ଅଖ୍‌ବାର୍ ବଦର୍'' ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବଓ୍ୱିୟା (ନବୀ ସ:ଆ:ସଙ୍କର କଥନ), ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ନଅୁଓ୍ୱର୍ ଅ:ବ:ଅଙ୍କ ତାଜା ଖୁଦ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତ୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତର ଏବଂ ହଜୁର୍ ଅନୁଓ୍ୱର୍‌ଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଳ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତର୍‌ବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ । (ବଦର କାର୍ଯ୍ୟାଳୟ)

ଅଲ୍ଲାଃ ସେମାନଙ୍କୁ ସାହାର୍ଯ୍ୟ କରିଥାନ୍ତି ଯେଉଁମାନେ ଅଲ୍ଲାଃଙ୍କୁ ସାହାର୍ଯ୍ୟ କରିଥାନ୍ତି ଓ ଅଲ୍ଲାଃ ସେମାନଙ୍କୁ ତିରସ୍କାର କରିଥାନ୍ତି ଯେଉଁମାନେ ତାହାଙ୍କୁ ଅସ୍ୱୀକାର କରିଥାନ୍ତି । ତୁମ ପରିକା ଲୋକେ କମ୍ ସଂଖ୍ୟା ହେବା ସତ୍ୱେ ମଧ୍ୟ କଦାପି ହାରିପାରିବ ନାହିଁ । ହଜ୍‌ରତ୍ ଅବୁ ବକର ର:ଅ ଏ ବାର୍ତା ପଠାଇଥିଲେ ଯେ ଅବଶ୍ୟ ତୁମେ ମାନେ ହେଉଛ କମ୍ ସଂଖ୍ୟକ କିନ୍ତୁ ଯଦି ଇମାନ ଅଛି ଓ ସମସ୍ତେ ମିଳିମିଶି ଲଢ଼ିବ କଦାପି ହାରିବ ନାହିଁ କାରଣ ତୁମେ ମାନେ ଖୁଦାତାଲାଙ୍କ ଖାତିର ଲଢୁଅଛ । ପୁଣି କହିଲେ ଯେ ୧୦୦୦୦ ବରଂ ତାଠାରୁ ମଧ୍ୟ ଆହୁରି ଅଧିକା ଯଦି ପାପୀମାନେ ଏକାଠି ଛିଡ଼ା ହେବେ ତେବେ ମଧ୍ୟ ସେମାନେ ନିଶ୍ଚିତାଭବେ ହାରିବେ । ତେଣୁ ସଂଖ୍ୟା ବିଷୟରେ ଚିନ୍ତା କରନାହିଁ କାରଣ ଯଦି ତୁମେ ୧୦୦୦୦ ବା ତାଠାରୁ ମଧ୍ୟ ଅଧିକା ଥିବ କିନ୍ତୁ ଯଦି ସେମାନେ ପାପ କରୁଥିବେ ଓ ଭୁଲ୍ କାମ କରୁଥିବେ ତେବେ ନିଶ୍ଚିତ ରୂପେ ହାରିବେ ସୁତରାଂ ତୁମେ ମାନେ ପାପରୁ ବଂଚ । ନିଜକୁ ପବିତ୍ର ମଧ୍ୟ କର ଓ ଏକ ହୋଇଯାଅ ଏବଂ ଏକତା ସୃଷ୍ଟି କର । ୟରମୁକ୍ ଠାରେ ମିଳିମିଶି କାମ କରିବା ପାଇଁ ଏକାଠି ହୋଇଯାଅ ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକ ଅମୀର ନିଜ ସେନା ସହିତ ମିଶି ନମାଜ ପାଠ କରନ୍ତୁ । ସଫର୍ ୧୩/ ହିଜ୍‌ରିରୁ ନେଇ ରବିଉଲ୍ ସାନୀ ପର୍ଯ୍ୟନ୍ତ ମୁସଲମାନମାନେ ରୋମୀ ସେନାକୁ ଘେରି ରଖିଥିଲେ ଯଦିଚ ମୁସଲମାନମାନଙ୍କୁ ସେହି ଅବଧିରେ ସଫଳତା ମିଳିନଥିଲା । ଏ ଅବଧିରେ ହଜ୍‌ରତ୍ ଅବୁ ବକର ର:ଅ ହଜ୍‌ରତ୍ ଖାଲିଦ୍ ବିନ୍ ଓ୍ୱଲିଦ୍ ର:ଅଙ୍କୁ ଜଣେ କମକ ରୂପେ ଇରାକରୁ ଆସି ୟରମୁକ୍‌ଠାରେ ପହଂଚିବା ପାଇଁ ନିର୍ଦ୍ଦେଶ ଦେଲେ ହଜ୍‌ରତ୍ ଖାଲିଦ୍ ବିନ୍ ଓ୍ୱଲିଦ୍ ର:ଅ ସେହି ସମୟରେ ଇରାକର ଗଭର୍ନର ଥିଲେ । ହଜ୍‌ରତ୍ ଖାଲିଦ୍ ବିନ୍ ଓ୍ୱଲିଦ୍ ର:ଅଙ୍କ ପହଂଚିବା ପୂର୍ବରୁ ସବୁ ଅମୀର ମାନେ ନିଜ ନିଜର ସେନାକୁ ସାଥିରେ ନେଇ ଅଲଗା ଅଲଗା ଲଢୁଥିଲେ ସେହି ସମୟରେ ହଜ୍‌ରତ୍ ଖାଲିଦ୍ ବିନ୍ ଓ୍ୱଲିଦ୍ ର:ଅ ସେଠାରେ ପହଂଚି ସମସ୍ତ ମୁସଲମାନମାନଙ୍କୁ ଅମୀର ରୂପେ ଜଣେ ଲୋକକୁ ନିୟୋଜିତ କରିବାପାଇଁ ଉପଦେଶ ଦେଲେ ଏ କଥାରେ ସମସ୍ତେ ହଜ୍‌ରତ୍ ଖାଲିଦ୍ ବିନ୍ ଓ୍ୱଲିଦ୍ ର:ଅଙ୍କୁ ଅମୀର ରୂପେ ନିୟୋଜିତ କରିନେଲେ । ରୋମୀ ସୈନିକମାନଙ୍କ ସଂଖ୍ୟା ଦୁଇରୁ ଅଢେଇ ଲକ୍ଷ ଥିବାର ବର୍ଣ୍ଣନା ମିଳୁଅଛି । ଯେତେବେଳେ କି ମୁସଲମାନ ସୈନିକଙ୍କ ସଂଖ୍ୟା ୩୭ରୁ ୪୬ ହଜାର ମଧ୍ୟରେ ଥିଲା । ଅର୍ଥାତ୍ ପାଂଚ ଭାଗରୁ ଭାଗେ ଥିଲେ ରୋମୀ ସେନାର ଅବସ୍ଥା ଏହାଥିଲା ଯେ ୮୦୦୦୦ ସୈନିକଙ୍କ ପାଦରେ ବେଡ଼ି ପଡ଼ିଥିଲା ଓ ୪୦୦୦୦ ଲୋକ ଜଞ୍ଜିରରେ ବନ୍ଧା ହୋଇଥିଲେ ଯଦ୍ୱାରା ସେମାନେ କେବଳ ଜୀବନ ଦେବା ବ୍ୟତିତ ପଳାୟନ କରିବାର କଥା ଭାବି ପାରିବେ ନାହିଁ । ଏକ ଲକ୍ଷ୍ୟ କୋଡ଼ିଏ ହଜାର ଲୋକ ଏପରି ଥିଲେ ଯାହାଙ୍କୁ ଏଥିପାଇଁ ବନ୍ଧା ଯାଇଥିଲା ଯେ କେବଳ ସେମାନେ ଯୁଦ୍ଧ ରକି ମରିବେ ଓ ଏତଦ୍‌ବ୍ୟତିତ ଆଉ କିଛି କରିବେ ନାହିଁ । ଚାଳିଶ ହଜାର ଲୋକେ ନିଜକୁ ନିଜ ପଗଡ଼ିରେ ଏପରି ବାନ୍ଧି ରଖିଥିଲେ ଓ ୮୦୦୦୦ ଅଶ୍ୱରହୀ ଓ ୮୦୦୦୦ ପଦାଦୀକ ବାହିନୀ ଥିଲେ ଓ ଅଗଣିତ ପାଦ୍ରୀ ସେନାମାନଙ୍କୁ ଉତ୍ସାହିତ କରିବା ପାଇଁ ରୋମୀ ସେନାଙ୍କ ସହିତ ରହିଥିଲେ । ଏହି ଯୁଦ୍ଧ ଚାଲିଥିବା ସମୟରେ ହଜ୍‌ରତ୍ ଅବୁ ବକର ର:ଅ ଯମାଦିଲ୍‌ଉଲାରେ ବେମାର ହେଲେ ଓ ଯମାଦିଲ୍ ଉଖ୍‌ରାରେ ତାଙ୍କର ଦେହାନ୍ତ ହେଲା **ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।**

ହଜ୍‌ରତ୍ ଖାଲିଦ୍ ର:ଅ ଉକ୍ତ ଯୁଦ୍ଧରେ ମୁସଲମାନମାନଙ୍କ ସେନାକୁ ବହୁତ ଗୁଡ଼ିଏ ଦଳରେ ବାଂଟିଦେଲେ ଓ ସେହି ଦଳମାନଙ୍କର ସଂଖ୍ୟା ୩୬ ରୁ ୪୦ ପର୍ଯ୍ୟନ୍ତ ବର୍ଣ୍ଣନା କରାଯାଉଛି କିନ୍ତୁ ଏମାନେ ସମସ୍ତେ ଜଣେ ଅମୀରଙ୍କ ଅନ୍ତର୍ଗତ ଲଢୁ ଥିଲେ ସେହି ଦଳ ଗୁଡ଼ିକ ମଧ୍ୟରୁ ଗୋଟିଏ ଦଳର ନିଗ୍ରାନ୍ (ଅର୍ଥାତ୍ ନିରୀକ୍ଷକ) ହଜ୍‌ରତ୍ ଉତ୍‌ବା ବିନ୍ ରବିୟା ଥିଲେ । ହଜ୍‌ରତ୍ ଖାଲିଦ୍ ର:ଅ କହିଲେ ଯେ, ଶତୃମାନଙ୍କର ସଂଖ୍ୟା ବହୁତ ଅଛି କିନ୍ତୁ ଆମର ଏହି କ୍ରମ ଯୋଗୁଁ ମୁସଲମାନମାନଙ୍କର ସେନା ଶତୃମାନଙ୍କୁ ଅଧିକା ଦୃଷ୍ଟି ଗୋଚର ହେବ ।

ମୁସଲମାନମାନଙ୍କ ସେନାରେ ପାଖାପାଖି ୧୦୦୦ ଏଭଳି ବୟୋଜ୍ୟୈଷ୍ଠ ବ୍ୟକ୍ତି ଥିଲେ ଯେ ହଜୁର ସ.ଅଙ୍କ ପବିତ୍ର ଚେହେରା ଦେଖିଥିଲେ । ଅର୍ଥାତ ସେମାନେ ବଦର ଯୁଦ୍ଧରେ ହଜୁର ସ.ଅଙ୍କ ସାଥିରେ ସାମିଲ ଥିଲେ । ଉଭୟ ଦଳ ମଧ୍ୟରେ ଘମାଶାନ ଲଢେଇ ହେଲା । ଏହି ଯୁଦ୍ଧ ଚାଲିବା ସମୟରେ ମଦିନାରୁ ଜଣେ ଦୂତ ଗୋଟିଏ ଖବର ନେଇ ଆସିଲା ତାଙ୍କୁ ଯେତେବେଳେ ପଚାରାଗଲା ସେ କହିଲେ ସବୁ ଠିକ୍ ଠାକ ଅଛି କିନ୍ତୁ ପ୍ରକୃତ କଥା ଏହା ଥିଲା କି ସେ ହଜ୍‌ରତ୍ ଅବୁବକର ର:ଅଙ୍କ ଦେହାନ୍ତ ହୋଇଥିବାର ଖବର ନେଇ ଆସିଥିଲା । ଲୋକମାନେ ସେହି ଦୂତଙ୍କୁ ହଜ୍‌ରତ୍ ଖାଲିଦ୍ ର:ଅଙ୍କ ନିକଟରେ ପହଂଚାଇଦେଲେ ଓ ସେ ଧିରଭାବରେ ହଜ୍‌ରତ୍ ଅବୁବକରଙ୍କ ଦେହାନ୍ତ ବିଷୟରେ ଖବର ଦେଲେ ଓ ସେନାର ଲୋକମାନଙ୍କୁ ଯାହା କିଛି କହିଥିଲେ ତାହା ମଧ୍ୟ ବତାଇଦେଲେ ଯେ ମୁଁ ସେମାନଙ୍କୁ କିଛି ବତାଇ ନାହିଁ । ହଜ୍‌ରତ୍ ଖାଲିଦ୍ ବିନ୍ ଓ୍ୱଲିଦ୍ ର:ଅ ତା'ଠାରୁ ଚିଠିଟିକୁ ନେଇ ନିଜ ତୀର ରଖିବା ସ୍ଥାନରେ ପକାଇଦେଲେ କାରଣ ତାଙ୍କୁ ଏ ଆଶଙ୍କା ଥିଲା ଯେ ଯଦି ଏ ଖବର ସେନା ଜାଣିଯିବେ ତେବେ ସେମାନଙ୍କ ସାହାସ ଘଟିଯିବାର ଆଶଙ୍କା ରହିଛି ଫଳତଃ ବୋଧ ହୁଏ ମୁସଲମାନମାନେ ଏପରି ଉତ୍ସାହିତ ହୋଇ ଲଢ଼ି ନ ପାରନ୍ତି ସେ ଯାହା ହେଉ ଖାଲିଦ୍ ବିନ୍ ଓଲିଦ୍ ଏହି ଖବରକୁ ସୈନିକଙ୍କ ମଧ୍ୟରେ ପ୍ରଘଟ ହେବାକୁ ଦେଲେ ନାହିଁ । ତେବେ ସେ ଯାହା ହେଉ ମୁସଲମାନ ସୈନିକମାନେ ନିଜ ନିଜ ସ୍ଥାନରେ ଅଟଳ ରହିଲେ ଯଦ୍ୱାରା ସନ୍ଧ୍ୟା ସୁଧା ରୋମୀ ସୈନିକ ଯୁଦ୍ଧ କ୍ଷେତ୍ରରୁ ପଳାୟନ କରିବା ଆରମ୍ଭ କରିଦେଲେ । ଏହି ଯୁଦ୍ଧରେ ଏକ ଲକ୍ଷରୁ ଉର୍ଦ୍ଧ୍ୱ ରୋମୀ ସୈନିକ ମୃତ୍ୟୁ ବରଣ କରିଥିଲେ ଏବଂ ୩୦୦୦ମୁସଲମାନ ସୈନିକ ଶହିଦ୍ ହୋଇଥିଲେ । ସେମାନଙ୍କ ମଧ୍ୟରେ ହଜରତ ଅକରମା ବିନ୍ ଅବୁଜହଲ ମଧ୍ୟ ଥିଲେ । କୈସର୍‌କୁ ଯେତେବେଳେ ଏ ଖବର ମିଳିଲା ସେତେବେଳେ ସେ ହମସ୍ ଠାରେ ଥିଲା ଓ ତତ୍‌କ୍ଷଣାତ୍ ସେଠାରୁ ବାହାରି ପଳାୟନ କଲା ।

ୟରମୁକ୍ ଯୁଦ୍ଧ ବିଜୟ କରିବା ଅନ୍ତେ ମୁସଲମାନ ସେନା ବାହିନୀ ସମଗ୍ର ସିରିୟା ଦେଶରେ ନିଜ ଆଧିପତ୍ୟ ବିସ୍ତାର କରିନେଲେ ଏବଂ କନସରିନ୍ ଅନତାକିୟା, ଜୁମା, ସରମିନ୍, ତେଯିନ୍, କୋରସ୍, ତଲ ଅଯଅୟ, ଦୁଲୁକ୍, ରବାନ ଆଦି ସ୍ଥାନରେ ମୁସଲମାନମାନେ ଅତି ସହଜରେ ବିଜୟ ପ୍ରାପ୍ତ କରିନେଲେ । *(ତାରିଖେ ତିବ୍‌ରି ଖଣ୍ଡ-୪, ପୃ-୫୩ ରୁ ୬୩...... ଦାରୁଲ୍ ଫିକର୍ ବେରୁତ ୨୦୦୨) (ଖୋଲ୍‌ଫାଏ ରାଶେଦିନ୍....... ପୃ-୧୨୬..... ଲାହୋର) (ଅଲ୍‌କାମିଲ୍ ଫିଲ୍‌ତାରିଖ ଖଣ୍ଡ-୨, ପୃ-୩୨୬....... ବେରୁତ ୨୦୧୨)*

ଆଜି ଯେଉଁ ସାହାବାମାନଙ୍କର ଚର୍ଚ୍ଚା ଥିଲା ତାହା ହେଉଛି ଏତିକି ଆସନ୍ତାକୁ ବୋଧ ହୁଏ ସାହାବାମାନଙ୍କ ସମ୍ବନ୍ଧରେ ରମ୍‌ଜାନ ମାସ ପରେ ଚର୍ଚ୍ଚା କରାଯିବ ଇନ୍‌ଶଅଲ୍ଲାଃ ଏବେ ରମ୍‌ଜାନ୍ ମଧ୍ୟ ଆସନ୍ତା ସପ୍ତାହରେ ଆରମ୍ଭ ହେବାକୁ ଯାଉଛି ।

ଖୁତବାର ଶେଷରେ ହଜୁର ଅନଓ୍ୱର ଅ.ବ କହିଲେ- ବର୍ତମାନ ମୁଁ ଆଉ ଏକ ଚର୍ଚ୍ଚା କରିବାକୁ ଚାହେଁ ଯାହାକି ଶ୍ରୀମତି ରାଜଜେମା ସବିହା ବେଗମ ସାହେବାଙ୍କର ଅଟେ । ଆପଣ ହଜରତ ମିର୍ଜା ବଶିର ଅହମଦ ସାହେବ ର.ଅଙ୍କର ଜ୍ୟୈଷ୍ଠ କନ୍ୟା ଶ୍ରୀମତି ଅମତୁଲ୍ ସଲାମ ସାହେବା ଓ ହଜରତ ମିର୍ଜା ରଶିଦ୍ ଅହେମଦ ସାହେବଙ୍କର ଜ୍ୟୈଷ୍ଠ କନ୍ୟା ଥିଲେ ଏବଂ ହଜରତ ମୁସଲେହ ମଉଦ ର.ଅ ଓ ହଜରତ ଉମେ ନାସିର ର.ଅଙ୍କ ଜ୍ୟୈଷ୍ଠ ପୁତ୍ର ମିର୍ଜା ଅନଓ୍ୱର ଅହେମଦ ସାହେବଙ୍କର ପତ୍ନୀ ଥିଲେ । ଚଳିତ ଅପ୍ରେଲ ମାସ ୩୦ ତାରିଖ ଦିନ ୯୦ବର୍ଷ ବୟସରେ ତାଙ୍କର ଦେହାନ୍ତ ହେଲା । **ଇନ୍ନା ଲିଲ୍ଲାହି ଓ୍ୱଇନ୍ନା ଇଲୈହି ରାଜେଉନ୍** ।

ହଜୁର ଅନଓ୍ୱର ଅ.ବ କହିଲେ ଏହି ସମ୍ପର୍କରୁ ସେ ମୋର ମାମି(ମାଇଁ) ମଧ୍ୟ ଥିଲେ । ହଜ୍‌ରତ୍ ମିର୍ଜା ରାଶିଦ୍ ଅହମଦ୍ ସାହେବ ହଜ୍‌ରତ୍ ମିର୍ଜା ସୁଲ୍‌ତାନ ଅହମଦ ସାହେବଙ୍କ ପୁତ୍ର ଥିଲେ ଓ ଯେପରି କି ମୁଁ ବତାଇ ସାରିଛି ଯେ ହଜ୍‌ରତ୍ ମିର୍ଜା ବଶିର୍ ଅହମଦ୍ ସାହେବଙ୍କ ସବୁଠାରୁ ବଡ଼ ଝିଅ ଅମତୁଲ୍ ସଲାମ୍ ବେଗମ୍ ସାହିବାଙ୍କର ଇଏ ଝିଅ ଥିଲେ । ହଜ୍‌ରତ୍ ଅମାଜାନ୍ ର:ଅ ରବୁଓ୍ୱାରେ ନିଜ ଖାନ୍‌ଦାନ୍‌ର ଯେଉଁ ସେଷ ବିବାହାରେ ଯୋଗ ଦେଇଥିଲେ ତାହା ତାଙ୍କର ବିବାହ ଥିଲା । ସେ ହଜରତ ଖଲିଫତୁଲ୍ ମସି ଚତୁର୍ଥଙ୍କ ପତ୍ନୀ ହଜରତ ସୟଦା ଆସଫା ବେଗମ୍ ସାହେବାଙ୍କର ବଡ଼ ଭଉଣି ଥିଲେ । ତାଙ୍କର ଆଉ ଜଣେ ଭଉଣୀ ଓ ତିନିଜଣ ଭାଇ ଅଛନ୍ତି ।

ତାଙ୍କ ଭଉଣୀ ଅନିଷା ଫଉଜିଆ ସାହିବା ଲେଖୁଛନ୍ତି ଯେ, ସେ ନିଜ ମାଆ ବାପାଙ୍କର ସବୁଠାରୁ ବଡ଼ ଝିଅ ଥିଲେ ସେଥିପାଇଁ ମାଆ ବାପା ଅଧିକାଂଶ ନିଷ୍ପତିରେ ତାଙ୍କ ରାୟକୁ ବହୁତ ଗୁରୁତ୍ୱ ଦେଉଥିଲେ କାରଣ ସେ ବହୁତ ବୁଦ୍ଧିମାନ ଥିଲେ ତେଣୁ ସେମାନଙ୍କର ତାଙ୍କ ଉପରେ ବହୁତ ଭରଷା ଥିଲା ଓ ସେ ତାଙ୍କ ମାଆ ବାପାଙ୍କ ଭରଷାକୁ ସର୍ବଦା କାୟମ ରଖିଛନ୍ତି ଓ ନିଜ ଛୋଟ ଭାଇଭଉଣୀମାନଙ୍କର ମଧ୍ୟ ଲାଳନପାଳନ କରିଛନ୍ତି । ଭଲ ଭାବରେ ତର୍‌ବିୟତ ଦେବା ପାଇଁ ଚେଷ୍ଟା କରିଛନ୍ତି । ସେ ଲେଖୁଛନ୍ତି କି, ମୋ ପାଇଁ ଯେତେବେଳେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅଙ୍କ କୌଣସି ପୁତ୍ରଙ୍କ ସହିତ ବିବାହ କରିବା ପ୍ରସଙ୍ଗରେ କଥା ଚାଲିଲା ସେତେବେଳେ ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ କହିଲେ କି ଇଏ ବହୁତ ଭଲ ଖାନ୍‌ଦାନ୍ ଏହି ଖାନ୍‌ଦନ୍‌ରୁ ଦୁଇ ଜଣ ଝିଅ ମୋର ବୋହୂ ହୋଇ ଆସିଛନ୍ତି ଅର୍ଥାତ୍ ଏକ ତା ଇଏ ଯାହାଙ୍କ ଦେହାନ୍ତ ସମ୍ବନ୍ଧରେ ମୁଁ ଚର୍ଚ୍ଚା କରୁଅଛି ଓ ଆଉ ଜଣେ ହେଉଛନ୍ତି ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେଙ୍କ ବେଗମ୍ । କହିଲେ ଯେ ଏହି ଦୁଇ ଜଣ ଭଉଣୀ ମୋର ବୋହୂ ହୋଇଛନ୍ତି ଯେଉଁମାନେ ବହୁତ ସ୍ନେହୀ ଓ କୁଟୁମ୍ବକୁ ଯୋଡ଼ି କରି ରଖିବା ବାଲା ।

ତାଙ୍କ ପୁତ୍ର ଲେଖିଛନ୍ତି ମୋ ମାତା ଅତ୍ୟନ୍ତ ସରଳ, ଗରିବମାନଙ୍କ ପ୍ରତି ସହାନୁଭୁତିଶୀଳ, ସମସ୍ତ ପ୍ରକାର ସୁଖଦୁଃଖ ପରିସ୍ଥିତିରେ ସାହାଯ୍ୟକାରୀ ଓ ଅଭବିମାନଙ୍କ ଆବଶ୍ୟକ ପୂରଣକାରୀ ମହିଳା ଥିଲେ । ନିଜ (ଘରେ କାର୍ଯ୍ୟରତ) କର୍ମଚାରୀମାନଙ୍କ ଦେଖାଶୁଣା କରିବା ଓ ସେମାନଙ୍କ ସହ ଅତ୍ୟନ୍ତ ଭଦ୍ର ଆଚରଣ କରୁଥିଲେ । ବରଂ ତାଙ୍କର ଜଣେ ଝିଅ ଲେଖୁଛନ୍ତି ଯେ କିପରି ସେ ସେମାନଙ୍କୁ ପିଲାମାନଙ୍କ ପରି ପାଳିଛନ୍ତି ଥରେ ଜଣେ ମହିଳା ସେବିକାଙ୍କ ବିବାହ ହେବାର ଥିଲା, ସେ କହିଲେ ଯେ ମୋତେ ସେହି ଭଳି ଯହେଜ୍ ଦରକାର ଯେଉଁ ଭଳି ଆପଣ ନିଜ ଝିଅଙ୍କୁ ଯୌତୁକ ଦେଇଛନ୍ତି ସୁତରାଂ ତା ପାଇଁ ମଧ୍ୟ ଯୌତୁକ ପ୍ରସ୍ତୁତ କରିଦେଲେ ।

ତାଙ୍କର ତିନି ଜଣ କନ୍ୟା ଓ ଗୋଟିଏ ପୁତ୍ର ସନ୍ତାନ ଅଛନ୍ତି । ଅଲ୍ଲାଃ ତାଲାଙ୍କ ଦୟାବଳରୁ ସେ ମୁସିୟା ମଧ୍ୟ ଥିଲେ କାଲି ହିଁ ତାଙ୍କ ଯନାଜାଃ ପଢ଼ା ଯାଇଛି ଏବଂ ବେହଶ୍‌ତି ମକ୍‌ବରାଃଠାରେ ତାଙ୍କୁ କବର ଦିଆଯାଇଛି । ଅଲ୍ଲାଃତାଲା ତାଙ୍କ ସନ୍ତାନମାନଙ୍କୁ ମଧ୍ୟ ନିଜ ମାତାଙ୍କ ପୁଣ୍ୟ ଆପଣାଇବାକୁ ଶକ୍ତି ପ୍ରଦାନ କରନ୍ତୁ ଏବଂ ପରସ୍ପର ସହ ପ୍ରେମ ଓ ଭଲପାଇବା ସମ୍ପର୍କକୁ ସୁଦୃଢ କରିବାକୁ ଶକ୍ତି ପ୍ରଦାନ କରନ୍ତୁ ତଥା ଖିଲାଫତ୍ ସହ ସର୍ବଦା ଜଡ଼ିତ ରଖିଥାନ୍ତୁ।

⌘⌘⌘ ⌘⌘⌘ ⌘⌘⌘

*ପୃଷ୍ଠା- ୧୨ର ଅବଶିଷ୍ଟାଂଶ ......*

ଆପଣ ଏହି ଟୋପିଟିକୁ ନେଇ ପାରିବେ । ନାସିର୍ ନିଜ ପାଇଁ ଅନ୍ୟ କୌଣସି ଏକ ଟୋପି କିଣିନେବେ ।

କମିଶନର ସାହେବ କହିଲେ ଯେ ମୁଁ ଜାଣିବାକୁ ପାଇଲି ଯେ, ହଜୁର ପୃଥିବୀର ବିଭିନ୍ନ ଦେଶଗୁଡ଼ିକୁ ଗସ୍ତ କରି ଆସୁଛନ୍ତି ତେଣୁ ଆପଣ ଏତେ ମାତ୍ରାରେ ଯାତ୍ରା ଓ କାର୍ଯ୍ୟ ମଧ୍ୟରେ  କିପରି ଆରାମ କରୁଛନ୍ତି ? ମୋ ଅମଲା ତା ମୋ ସିଡ୍ୟୁଲ୍ ଏପରି ବନାଉଛନ୍ତି ଯେପରି ମୁଁ ଆରାମ କରିପାରିବି ।

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ ଯଦି ମୋ ଲୋକମାନେ ମୋ ସିଡ୍ୟୁଲ ବନାଇବେ ତେବେ ବୋଧ ହୁଏ ଏମାନେ ବିଲ୍‌କୁଲ ମୋତେ ଆରାମ କରିବାକୁ ଦେବେ ନାହିଁ । କିନ୍ତୁ ସୌଭାଗ୍ୟ ବସତଃ ମୁଁ ମୋ ନିଜ ସିଡ୍ୟୁଲ ନିଜେ ବନାଇଥାଏ ସୁତରାଂ ଆରାମ କରିବା ପାଇଁ ସମୟ ବାହାର କରିଦେଉଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ କି, ଯେହେତୁ ମୁଁ ଆପଣଙ୍କୁ ଜିନାହ୍ ଟୋପି ପିନ୍ଧି ଆସିବାର ଦେଖିଥିଲି ତେଣୁ ମୁଁ ଭାବିଥିଲି ଯେ ବୋଧ ହୁଏ ଆପଣ ଜଣେ ଅହେମଦୀ ଓ ଏଠାକୁ ପରିଦର୍ଶନ କରିବାକୁ ଆସିଛନ୍ତି । ଏହା ଶୁଣି କମିଶନର କହିଲେ ଯେ, ଇଲେକ୍‌ଶନ୍ ନିମନ୍ତେ କେବଳ ଗୋଟିଏ ସପ୍ତାହ ବାକି ଅଛି କିନ୍ତୁ ଯେହେତୁ ହଜୁର ଏଠାକୁ ଆସିଛନ୍ତି ସେଥିପାଇଁ ହଜୁରଙ୍କ ସହିତ ସାକ୍ଷାତ କରିବାର ଅବସରକୁ ହାତଛଡ଼ା କରିନଥିଲି । ସେଷରେ କମିଶନର ସାହେବ ହଜୁରଙ୍କ ଗୋଚରରେ ପ୍ରାର୍ଥନା କରିବା ପାଇଁ ନିବେଦନ କଲେ ଓ ସାକ୍ଷାତ କରିବା ନିମନ୍ତେ ସମୟ ଦେଇଥିବାରୁ କୃତଜ୍ଞତା ଜ୍ଞାପନ କଲେ ।

ଏ ସାକ୍ଷାତକାର ୫.୪୦ ମିନିଟ ପର୍ଯ୍ୟନ୍ତ ଜାରି ରହିଲା ଏହା ପରେ ପ୍ରୋଗ୍ରାମ ମୁତାବକ ଫ୍ୟାମିଲି ସାକ୍ଷାତକାର ଆରମ୍ଭ ହେଲା ।

### ପାରିବାରିକ ଓ ବ୍ୟକ୍ତିଗତ ସାକ୍ଷାତକାର ଏବଂ ଲୋକମାନଙ୍କର ବିଶ୍ୱାସବର୍ଦ୍ଧକ ମନୋଭାବ ବ୍ୟକ୍ତ

ଆଜି ସଂନ୍ଧ୍ୟା ସମୟର ଏହି ପ୍ରୋଗ୍ରାମରେ ୬୩ଟି ଫ୍ୟାମିଲି ଓ ୧୬ଜଣ ବ୍ୟକ୍ତିଗତ ସଦଶ୍ୟ ସାକ୍ଷାତକରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସର୍ବମୋଟ ୩୨୫ଜଣ ସଦଶ୍ୟ ନିଜ ପ୍ରୀୟ ଆକାଙ୍କ ସହିତ ସାକ୍ଷାତକରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହି ସମସ୍ତ ବ୍ୟକ୍ତି ଓ ଫ୍ୟାମିଲି ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ଶିକ୍ଷା ହାସଲ କରୁଥିବା ଛାତ୍ରଛାତ୍ରୀମାନଙ୍କୁ କଲମ ପ୍ରଦାନ କଲେ ଓ ଛୋଟ ବୟସର କୁନି କୁନି ପିଲାମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ । ସାକ୍ଷାତକରିବାକୁ ଆସିଥିବା ଏହି ଫ୍ୟାମିଲି ଗୁଡ଼ିକ ହୋଷ୍ଟେନର ଯମାତ୍ ବ୍ୟତିତ ବିଭିନ୍ନ ନୁଆ ଯମାତ୍‌ରୁ ମଧ୍ୟ ଆସିଥିଲେ । ଆଟଲାଂଟା ଏବଂ ଲାଣ୍ଡୁ ଓ ନର୍ଥ କାରୁନିଲାରୁ ଆସିଥିବା ଫ୍ୟାମିଲିଗୁଡ଼ିକ ୯୬୦ ମାଇଲରୁ ଅଧିକା ରାସ୍ତାକୁ ୧୨ ରୁ ୧୪ ଘଂଟା ସମୟ ଅତିକ୍ରମ କରି ଏଠାରେ ପହଂଚିଥିଲେ ।

ଆଜି ସମସ୍ତେ ଏପରି ଲୋକମାନେ ସାକ୍ଷାତ କରିଥିଲେ ଯେଉଁମାନେ ନିଜ ଜୀବଦସାରେ ପ୍ରଥମ ଥର ପାଇଁ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାର ସୁଯୋଗ ପାଉଥିଲେ । ଏମାନଙ୍କ ମଧ୍ୟରୁ ବହୁ ସଂଖ୍ୟକ ଫ୍ୟାମିଲି ସେମାନଙ୍କର ଥିଲା ଯେଉଁମାନେ ବିଗତ ବର୍ଷ ଗୁଡ଼ିକରେ ବିଭିନ୍ନ ଦେଶ ମାଧ୍ୟମ ଦେଇ ବହୁତ ଦୁଃଖ କଷ୍ଟକୁ ବରଦାସ୍ତ କରି ଏଠାରେ ପହଂଚିଥିଲେ । ଆଜି ସେହି ଲୋକମାନେ କେଡ଼େ ସୌଭାଗ୍ୟବାନ ଥିଲେ ଯେ ନିଜ ପ୍ରୀୟ ଆକାଙ୍କ ନିକଟରେ କିଛି ବିତାଇଲେ ସେମାନଙ୍କର ଦୁଃଖକଷ୍ଟ ସବୁ ଉଭେଇ ଗଲା ଓ ମନ ଶାନ୍ତ୍ୱନାରେ ଭରିଗଲା ଓ କେବେ ଶେଷ ନ ହେଉଥିବା ଦୁଆର ଗ୍ରନ୍ଥାଘରକୁ ସାଥିରେ ନେଇ ଏଠାରୁ ବିଦାୟ ନେଲେ ।

ସାକ୍ଷାତ କରିବାପାଇଁ ଆସିଥିବା ଜଣେ ବନ୍ଧୁ ନାହିଦ୍ ଅଜହର୍ ଶେଖ୍ ସାହେବ ବର୍ଣ୍ଣନା କରୁଛନ୍ତି ଯେ, ମୁଁ ନିଜର ସ୍ତ୍ରୀ ଓ ପୁତ୍ର ସହିତ ସାକ୍ଷାତ କରିବାର ସୌଭାଗ୍ୟ ନିମନ୍ତେ ଆସିଥିଲି । ଯେତେବେଳେ ମୁଁ କୋଠରୀ ଭିତରକୁ ପ୍ରବେଶ କଲି ଓ ହଜୁର ଅନଓ୍ୱର ଅ:ବ:ଅଙ୍କ ଚେହେରା ଉପରେ ମୋ ଦୃଷ୍ଟି ପଡ଼ିଲା ସେତେବେଳେ ହଜୁରଙ୍କ ଚେହେରା ଐଶ୍ୱରିକ ଜ୍ୟୋତିରେ ପରିପୂର୍ଣ୍ଣ ଲାଗୁଥିଲା । ତାଙ୍କ ସ୍ତ୍ରୀ କହିବାକୁ ଲାଗିଲେ ଯେ ମୋତେ ମୋ ସୌଭାଗ୍ୟ ଉପରେ ଇର୍ଷା ଆସୁଛି ଯେ ହଜୁର ଅନଓ୍ୱର ଅ:ବ:ଅଙ୍କ ନିକଟରେ କିଛି ମୁହୂର୍ତ୍ତ ମିଳିଲା । ପ୍ରଥମେ ଆମେ ହଜୁରଙ୍କୁ ଟିଭିରେ ଦେଖୁଥିଲୁ କିନ୍ତୁ ଆଜି ନିଜ ସମ୍ମୁଖରେ ଦେଖିନେଲୁ ।

ମହମ୍ମଦ ସଲିମ୍ ସାହେବ ନାମକ ଜଣେ ବନ୍ଧୁ ବର୍ଣ୍ଣନା କରୁଛନ୍ତି ଯେ, ପୂର୍ବରୁ ଆମେ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଟିଭି ମାଧ୍ୟମରେ ଦେଖୁଥିଲୁ । ଆଜି ଆମ ଜୀବନର ଏହା ପ୍ରଥମ ସାକ୍ଷାତକାର ଥିଲା । ଆମେ ଦୁଇ ଜଣ ସ୍ୱାମୀ ସ୍ତ୍ରୀ ବହୁତ ନର୍ଭସ ହୋଇଯାଇଥିଲୁ ଯେ ଆମେ କିପରି କଥା ହେବୁ । କିନ୍ତୁ ଯେତେବେଳେ ଆମେ ହଜୁର ଅନଓ୍ୱର ଅ:ବ:ଅଙ୍କ ଦଫତ୍‌ରକୁ ପ୍ରବେଶ କଲୁ ସେତେବେଳେ ହଜୁର ଅନଓ୍ୱର ଅ:ବ:ଅ ଏତେ ମାତ୍ରାରେ ସ୍ନେହର ସହିତ ଓ ହସ ହସ ମୁହଁରେ କଥା ହେଲେ ଯେ, ଆମ ନର୍ଭସ ପଣ ସ୍ୱତଃ ପ୍ରୃତ ଭାବେ ଦୂର ହୋଇଗଲା । ମୋତେ ଓ ମୋ ସ୍ତ୍ରୀକୁ ସାକ୍ଷାତକାର ସମୟରେ ବାରମ୍ୱାର ଏପରି ଅନୁଭୁତ ହେଉଥିଲା ଯେ ଅଲ୍ଲାଃ ତାଲାଙ୍କ ଫରିସ୍ତା ହଜୁର ଅନଓ୍ୱର ଅ:ବ:ଅଙ୍କ ଚାରିପଟେ ଅଛନ୍ତି । ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କୁ କେତେଥର ସ୍ୱପ୍ନରେ ଦେଖି ସାରିଛି କିନ୍ତୁ ଆଜି ଖୋଲା ଆଖି ଦ୍ୱାରା ନିଜ ସ୍ୱପ୍ନକୁ ପୂରଣ ହେଉଥିବାର ଦେଖି ଏପରି ଅନୁଭବ କରୁଛି ଯେପରି ଏବେ ମୁଁ ଗୋଟିଏ ନୂଆ ଅସ୍ତିତ୍ୱ ପାଇଛି ।

ବାସିତ୍ ମଜୁକେ ସାହେବ ବତାଇଲେ ଯେ, ମୁଁ ଏବେ ହଜୁରଙ୍କ ସହିତ ସାକ୍ଷାତ କରିଆସିଛି । ମୋତେ ଏପରି ଲାଗୁଛି ଯେପରି କି ମୁଁ ସ୍ୱପ୍ନ ଦେଖୁଛି । ତାଙ୍କ ଛୋଟଭାଇ ଉସ୍‌ମାନ୍ ସାହେବ ତାଙ୍କ ସ୍ତ୍ରୀ ସହିତ ସାକ୍ଷାତକାରରେ ସାମିଲ ହୋଇଥିଲେ । ସେ କହୁଛନ୍ତି କି, ସାକ୍ଷାତକାର ପୂର୍ବରୁ ମୁଁ ବହୁ ମାତ୍ରାରେ ଭୟଭିତ ଥିଲି ଯେ ଆମ ସହିତ କଥା କହିବା ବେଳେ ଆମ ଦ୍ୱାରା କୌଣସି ଭୁଲ୍ ହୋଇନଯାଏ । କିନ୍ତୁ ଯେଉଁ କ୍ଷଣି ଆମେ ଭିତରକୁ ପ୍ରବେଶ କଲୁ ହଜୁର ଆମ ସହିତ ବହୁତ ସ୍ନେହର ସହିତ କଥା ହେଲେ ଓ ଆମର ସବୁ ନର୍ଭସ ଦୂର ହୋଇଗଲା ।

ସୟଦ ମକ୍‌ସୁଦ୍ ଅହମଦ୍ ମେହବୁବ୍ ସାହେବ ବର୍ଣ୍ଣନା କରୁଛନ୍ତି ଯେ, ସେ ନିଜ ସ୍ତ୍ରୀ ଓ ତିନିଜଣ ପିଲାଙ୍କ ସହିତ ଆଟାଲାଂଟାରୁ ୧୨ ଘଂଟାର ଯାତ୍ରା କାର ଯୋଗେ ଅତିକ୍ରମ କରି ଏଠାରେ ପହଂଚିଥିଲେ । ଆଜି ଆମ ଜିବନର ଏହା ପ୍ରଥମ ସାକ୍ଷାତକାର ଥିଲା । ଯେତେବେଳେ ସାକ୍ଷାତକାର ଆରମ୍ଭ ହେଲା ସେତେବେଳେ ମୁଁ ପ୍ରେମରେ ଭାବବିହ୍ୱଳ ହୋଇ ନିଜ ଉପରେ ଆୟତ ରଖିପାରିଲି ନାହିଁ । ଏବଂ ଅଚାନକ କାନ୍ଦିବାକୁ ଲାଗିଲି ଫଳତଃ ମୋ ଆବାଜ ବନ୍ଦ ହୋଇଗଲା । ଆଜି ମୁଁ ନିଜର ସୌଭାଗ୍ୟ ପାଇଁ ଗର୍ବିତ ୧୨ ଘଂଟା ଯାତ୍ରା କରିଥିବାର ଥକାପଣ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ କିଛି କ୍ଷଣ ବିତାଇବା ଦ୍ୱାରା ଏପରି ଦୂର ହୋଇଗଲା ଯେ, ଯେପରି ଆମେ କୌଣସି ଯାତ୍ରା କରିନାହୁଁ ।

ସାକ୍ଷାତକାର କରିବାକୁ ଆସିଥିବା ଜଣେ ବନ୍ଧୁ ଫିରଦୋସ୍ ଅହମଦ୍ ସାହେବ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି ଯେ, ଆଜି ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ମୋର ଏହା ପ୍ରଥମ ସାକ୍ଷାତକାର ଥିଲା । ମୁଁ ମୋ ମନୋଭାବକୁ ଶବ୍ଦରେ ପରିପ୍ରକାଶ କରିପାରୁନାହିଁ । ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର କରିବାର ଏହା ଅର୍ଥ ନୁହେଁ ଯେ, ମୁଁ ଅନ୍ୟାନ୍ୟ ଅହେମଦୀଙ୍କ ଠାରୁ ଉତମ ବରଂ ଏହାର ଅର୍ଥ ହେଉଛି ଏପରି କି, ଏବେ ମୋତେ ଏଠାରୁ ଅଧିକା ନିଜ ଭିତରେ ଯୁକ୍ତାତ୍ମକ ପରିବର୍ତନ ଆଣିବାପାଇଁ ଚେଷ୍ଟା କରିବାକୁ ହେବ ।

ଅଢେ ଜଣେ ମହିଳା ଅତିଥି କୁରତୁଲ୍ ଅଏନ୍ ସାହିବା ବର୍ଣ୍ଣନା କରୁଛନ୍ତି ଯେ, ଆଜି ଆମର ଏହା ପ୍ରଥମ ସାକ୍ଷାତକାର ଥିଲା ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ମିଶି ଏକ ନିଆରା ଖୁସୀ ଅନୁଭବ କରୁଅଛି । ହଜୁର ଅନଓ୍ୱର ଅ:ବ:ଅଙ୍କ ପବିତ୍ର ଚେହେରା ଜ୍ୟୋତିରେ ପରିପୂର୍ଣ୍ଣ ହୋଇଥିବାର ଦେଖିଲି ।ହଜୁର ଅନଓ୍ୱର ଅ:ବ:ଅ ମୋ ପିଲାମାନଙ୍କ ସମ୍ୱନ୍ଧରେ ଉପଦେଶ ଦେଇ କହିଲେ ଯେ ପିଲାମାନଙ୍କୁ ଫୋନ୍ ଓ ଆଇପ୍ୟାଡ଼ ଇତ୍ୟାଦିରୁ ଦୂରେଇ ରଖନ୍ତୁ ।

ଫରିଦ୍ ଅନଓ୍ୱର କାହ୍‌ଲୁଂ ସାହେବ କହୁଛନ୍ତି ଯେ, ମୁଁ ୨୦୧୦ ମସିହାରେ ସ୍ୱପ୍ନ ଦେଖିଥିଲି କି, ହଜ୍‌ରତ୍ ମସିହ୍ ମଉଦ୍ ଆଁସ ଛିଡ଼ା ହୋଇଛନ୍ତି ଓ ତାଙ୍କର ବାମ ହାତରେ ଗୋଟିଏ ବାଡ଼ି ଅଛି ଓ ଅନ୍ୟ ପଟେ ଆଉ କିଛି ଲୋକ ଛିଡ଼ା ହୋଇଛନ୍ତି । ସେ ମୋତେ ଆସିବା ପାଇଁ କହୁଛନ୍ତି ଓ କିଛି ସମୟ ପରେ କହୁଛନ୍ତି ''ଆସନ୍ତୁ ଫଟୋ ଉଠାନ୍ତୁ'' । ମୁଁ ଏହି ସ୍ୱପ୍ନ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଶୁଣାଇଲି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଏହା ବହୁତ ମୁବାରକ୍ ସ୍ୱପ୍ନ । ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାପାରେ ଏବଂ ଫଟୋ ଉଠାଇବା ପରେ ମୋର ଏ ବିଶ୍ୱାସ ହୋଇଗଲା ଯେ, ମୋର ସେହି ସ୍ୱପ୍ନ ଆଜି ପୂରଣ ହୋଇଯାଇଛି ।

ଆଉ ଜଣେ ବନ୍ଧୁ ଅସଦ୍ ରସୁଲ୍ ସାହେବ୍ ବର୍ଣ୍ଣନା କରୁଛନ୍ତି କି, ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଏହା ମୋର ପ୍ରଥମ ସାକ୍ଷାତକାର ଥିଲା । ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କ ଅସ୍ତିତ୍ୱରେ ବହୁତ ସ୍ନେହୀ, ପ୍ରେମ କରୁଥିବା ଆଧାତ୍ମିକ ବାପାଙ୍କୁ ପାଇଛି ଯିଏ ଆମର ଦରଦ ରଖିଛନ୍ତି । ସାକ୍ଷାତକାର ସମୟରେ ଯେବେ ମୁଁ ଆକାଙ୍କ ଠାରୁ କିଛି ତବ୍‌ରୁକ୍ (ଅର୍ଥାତ ବୈଭବପୂର୍ଣ୍ଣ ବସ୍ତୁ) ମିଳିବା ପାଇଁ ନିବେଦନ କଲି ସେତେବେଳେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ପ୍ରଥମେ ନିଜ ସ୍ତ୍ରୀଙ୍କୁ ପାକିସ୍ତାନରୁ ନେଇ ଆସ ତା'ପରେ ତବ୍‌ରୁକ୍ ଦେବି ।

ଜଣେ ଆଫ୍ରିକୀୟ ବଂଶିୟ ନୌ ମୁବାଏ ଅହେମଦୀ ମହିଳା ହବିବା ଡ଼ାବୁହ୍ ସାହିବା ବର୍ଣ୍ଣନା କରୁଛନ୍ତି: ମୁଁ କିଛି ଦିନ ପୂର୍ବେ ହିଁ ବୟତ କରିସାରିଛି ନିଜ ପ୍ରୀୟ ଇମାମ୍‌ଙ୍କ ସହିତ ମିଶି ଏକ ନିଆରା ଖୁସୀର ଅନୁଭୁତି ହେଲା ତାହା ମୁଁ ଶବ୍ଦରେ ବୟାନ କରିପାରୁନାହିଁ ।

ଆଉଜଣେ ବନ୍ଧୁ ବାବର୍ ଅବଦୁଲ୍ ଗଫାର ସାହେବ ବର୍ଣ୍ଣନା କରୁଛନ୍ତି ଯେ, ମୁଁ ଅତ୍ୟନ୍ତ ଆନନ୍ଦିତ ଯେ, ଆଜି ପ୍ରଭୁ ମୋତେ ଏ ଦିନ ଦେଖାଇଛନ୍ତି । ମୁଁ ଅନୁଭବ କରୁଛି ଯେ ଯେପରି ମୋ ଅସ୍ତିତ୍ୱ ବୈକୁଣ୍ଠରେ ଉଡ଼ିବୁଲୁଚି । ସାକ୍ଷାତକାର ସମୟରେ ଯେବେ ମୁଁ ନିଜ ଭାବନା ଉପରେ କାବୁ ରଖି ପାରିଲି ନାହିଁ ସେତେବେଳେ କାନ୍ଦି ପଡ଼ିଲି ଏବେ ଏପରି ଅନୁଭବ କରୁଅଛି ଯେପରି ମୋର ନୁଆ ଜନ୍ମ ହୋଇଛି ।

ଆଉ ଜଣେ ବନ୍ଧୁ ମସ୍‌ରୁର୍ ଅବ୍‌ଦୁଲ୍ କାଦିର ସାହେବ ବର୍ଣ୍ଣନା କରୁଛନ୍ତି ଯେ, ଯୁଗ ଖଲିଫାଙ୍କ ସହିତ ମୋର ଏହା ପ୍ରଥମ ସାକ୍ଷାତକାର ଥିଲା ତାହା ମୁଁ ଶବ୍ଦରେ ବର୍ଣ୍ଣନା କରିପାରୁନାହିଁ । ସାକ୍ଷାତକାର ସମୟରେ ମୋତେ ଏପରି ଲାଗୁଥିଲା ଯେପରି ହଜୁର ଅନଓ୍ୱର ଅ:ବ:ଅଙ୍କ ଚାରିପଟେ ଆଲୋକରେ ପରୀପୂର୍ଣ୍ଣ ଏକ ଚକ୍ର ରହିଅଛି । ହଜୁର ଅନଓ୍ୱର ଅ:ବ:ଅଙ୍କ ନିକଟରେ ବିତାଇଥିବା ଏହି କିଛି କ୍ଷଣ ମୋ ଜିବନର ସବୁଠାରୁ ମୁଲ୍ୟବାନ ସମୟ ଯାହାକୁ ମୁଁ ବଂଚିଥିବା ପର୍ଯ୍ୟନ୍ତ ମନେ

ରଖିବି । ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଆଜିକାର ଏହି ସାକ୍ଷାତକାର ମୋତେ ଅଲ୍ଲାଃ ତାଲାଙ୍କ ନିକଟକୁ ଶହେଗୁଣା ନିକଟତର କରାଇବ ମୁଁ ଏ ଧାର୍ଯ୍ୟ ନିଷ୍ପତି କରିସାରିଛି ଯେ ଏବେ ପ୍ରତ୍ୟେକ ଦିନ ଭଲ କାମ ପ୍ରତି ହିଁ ପାଦ ବଢ଼ାଇବି । ଇନ୍‌ଶଅଲ୍ଲାଃ

ଆଉ ଜଣେ ବନ୍ଧୁ ରାମିଶ୍ ଖାନ୍ ସାହେବ ବର୍ଣ୍ଣନା କରୁଛନ୍ତି ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଏହା ମୋର ପ୍ରଥମ ସାକ୍ଷାତକାର ଥିଲା । ସାକ୍ଷାତକାର ପୂର୍ବରୁ ମୁଁ ବହୁତ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲି କିନ୍ତୁ ଯେଉଁ କ୍ଷଣି ମୋ ହାତ ହଜୁର ଅନଓ୍ୱର ଅ:ବ:ଅଙ୍କ ହାତକୁ ଛୁଇଂଲା ସେହି କ୍ଷଣି ମୋର ସମସ୍ତ ବ୍ୟତିବ୍ୟସ୍ତ ଓ ନର୍ଭସ ପଣ ହ୍ରାସ ହୋଇଗଲା । ଏବଂ ମୋତେ ବହୁତ ଶାନ୍ତି ଏବଂ ସାନ୍ତ୍ୱନା ଲାଭ ହେଲା ।

ସାକ୍ଷାତକାରର ଏହି ପ୍ରୋଗ୍ରାମ ୯.୩୦ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର ଅନଓ୍ୱର ଅ:ବ:ଅଙ୍କ ମସ୍‌ଯିଦ୍ ବଇତୁସ୍ ସମିଠାରେ ପଦାର୍ପଣ କରି ମଗରିବ୍ ଏବଂ ଇଶା ନମାଜ ଜମା କରି ପଢ଼ାଇଲେ । ନମାଜ୍‌ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**୨୬ ଅକ୍ଟୋବର ୨୦୧୮ (ଶୁକ୍ରବାର)**

ହଜୁର ଅନଓ୍ୱର ଅ:ବ:ଅ ପ୍ରତ୍ୟୁଷ ୬.୩୦ ରେ ମସ୍‌ଯିଦ୍ ବଇତୁସ୍ ସମିଠାରେ ପହଂଚି ଫଜର୍ ନମାଜ୍ ପଢ଼ାଇଲେ । ନମାଜ୍ ପାଠପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳ ବେଳା ହଜୁର ଅନଓ୍ୱର ଅ:ବ:ଅ ଦଫତରୀ ଡ଼ାକ ଓ ଚିଠିପତ୍ର ଗୁଡ଼ିକ ନିରୀକ୍ଷଣ କଲେ ଓ ରିମାର୍କସ ଦେଲେ । ହଜୁର ଅନଓ୍ୱର ଅ:ବ:ଅ ବିଭିନ୍ନ ପ୍ରକାର ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ଲିପ୍ତ ରହିଲେ ।

ଆଜି ପବିତ୍ର ଶୁକ୍ରବାର ଥିଲା ହୋଷ୍ଟେନର ଭୂମିରୁ ଖଲିଫତୁଲ ମସିହ୍‌ଙ୍କର ଏହା ପ୍ରଥମ ଖୁତ୍‌ବା ଜୁମା ଥିଲା ଯାହା ଏମ୍.ଟି.ଏ ଇଟଂରନ୍ୟାସନାଲ ଯୋଗେ ଲାଇଭ ଟେଲିକାଷ୍ଟ କରାଗଲା ।

ହୋଷ୍ଟେନ୍ ବ୍ୟତିତ ଆମେରିକାର ଭିନ୍ନଭିନ୍ନ ଯମାତ୍ ଗୁଡ଼ିକରୁ ଅହେମଦୀମାନେ ବହୁତ ଲମ୍ବା ଯାତ୍ରା ଅତିକ୍ରମ କରି ନିଜ ପ୍ରୀୟ ଆକାଙ୍କ ପଛରେ ଯୁମା ନାମଜ ପାଠ କରିବା ନିମନ୍ତେ ପହଂଚିଥିଲେ । ତିନିଷ ଯମାତ୍‌ରୁ ଆସିଥିବା ଅହେମଦୀ ୮୩୦ ମାଇଲର ଦୂରତ୍ୱକୁ ୧୨ ଘଂଟାରେ ଅତିକ୍ରମ କରି ପହଂଚିଥିଲେ । ଯର୍ଜିୟାରୁ ଆସିଥିବା ଲୋକମାନେ ୧୩ଘଂଟାର ରାସ୍ତାକୁ କାର ମାଧ୍ୟମରେ ଅତିକ୍ରମ କରି ଏଠାରେ ପହଂଚିଥିଲେ । ସେହିପରି କେଟୋଂକେରୁ ଆସିଥିବା ଲୋକମାନେ ୧୦୫୦ ମାଇଲ ଯାତ୍ରା ୧୬ ଘଂଟାରେ ଅତିକ୍ରମ କରି ପହଂଚିଥିଲେ । ଯେବେକି ମିୟାମିରୁ ଆସିଥିବା ଲୋକମାନେ ଜାହାଜ ଯୋଗେ ୩ଘଂଟା ଯାତ୍ରା କରି ଏଠାରେ ପହଂଚିଥିଲେ । ବାଲ୍ଟିମ୍ୟୁର, ଲସ୍ ଏଞ୍ଜିଲେସ୍, ଲୋରେଲ୍ ଏବଂ ସିଲ୍‌ଭର୍ ସ୍ପ୍ରିଙ୍ଗ ଯମାତ୍‌ଗୁଡ଼ିକରୁ ଆସିଥିବା ଲୋକମାନେ ଓ ଫ୍ୟାମିଲି ଗୁଡ଼ିକ ଜାହାଜ ମାଧ୍ୟମରେ ୩.୩୦ ଘଂଟାର ରାସ୍ତା ଅତିକ୍ରମ କରି ଏଠାରେ ପହଂଚିଥିଲେ । ବୋଷ୍ଟନ୍ ଓ ବେ ପଏଂଟରୁ ଆସି ଯେଉଁମାନେ ହୋଷ୍ଟେନ୍‌ରେ ପହଂଚିଥିଲେ ସେମାନେ ଜାହାଜ ଦ୍ୱାରା ୪ ଘଂଟାର ଲମ୍ବା ରାସ୍ତାକୁ ଅତିକ୍ରମ କରି ଏଠାକୁ ପହଂଚିଥିଲେ ।

ଯୁମା ନମାଜ୍ ପଢ଼ିବା ନିମନ୍ତେ ବିଭିନ୍ନ ଦୂରଦୁରାନ୍ତ ଯମାତ୍‌ଗୁଡ଼ିକରୁ ଅହେମଦୀମାନଙ୍କର ଏକ ବହୁତ ବଡ଼ ସଂଖ୍ୟାକ ଗୁରୁବାର ଦିନ ହୋଷ୍ଟେନରେ ପହଂଚିଯାଇଥିଲା । ଯୁମା ନାମଜ ପଢ଼ିବାର ବ୍ୟବସ୍ଥା ମସ୍‌ଜିଦ୍ ବ୍ୟତିତ ବିଭିନ୍ନ ସାମିୟାନା ଲଗାଯାଇ କରାଯାଇଥିଲା । ନମାଜ ଯୁମାରେ ସାମିଲ ହୋଇଥିବା ଲୋକଙ୍କ ସଂଖ୍ୟା ୧୮୦୦ ରୁ ଅଧିକ ଥିଲା ।

ହଜୁର ଅନଓ୍ୱର ଅ:ବ:ଅ ଠିକ୍ ଦିନ ୧ଟା ସମୟରେ ''ମସ୍‌ଯିଦ୍ ବଇତୁସ ସମି''ଠାରେ ପଦାର୍ପଣ କରି ଖୁତ୍‌ବା ଯୁମା ପ୍ରଦାନ କଲେ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ଏହି ଖୁତ୍‌ବା ଜୁମା ୨.୫ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ଏହା ପରେ ହଜୁର ଅନଓ୍ୱର ଅ:ବ:ଅ ଯୁମା ନମାଜ୍ ସହିତ ଅସର ନମାଜ ଜମା କରି ପଢ଼ାଇଲେ । ନମାଜ ପାଠପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ମାଇକେଲ୍ ମ୍ୟାକ୍ କଓ୍ୱଲ୍ (ଆମେରିକାନ୍ କଂଗ୍ରେସର କର୍ମୀ)ଙ୍କ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର**

ପ୍ରୋଗ୍ରାମ ମୁତାବକ ୪.୩୦ ସମୟରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଦଫ୍‌ତରରେ ପହଂଚିଲେ । ଆମେରିକାନ୍ କଂଗ୍ରେସର ପ୍ରତିନିଧି ମାଇକେଲ୍ ମ୍ୟାକ୍ କଓ୍ୱଲ୍ ସାହେବ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର ନିମନ୍ତେ ଆସିଥିଲେ । ତାଙ୍କ ସହିତ ତାଙ୍କ ଦଫ୍‌ତରର ଦୁଇଜଣ କାର୍ଯ୍ୟକର୍ତା ପ୍ରେସ ସେକ୍ରେଟେରୀ ଏବଂ ବଡ଼ ସହଯୋଗ କାର୍ଯ୍ୟ କର୍ତା ମଧ୍ୟ ଏହି ସାକ୍ଷାତକାରରେ ସାମିଲ ହୋଇଥିଲେ ।

କଂଗ୍ରେସ ମ୍ୟାନ୍ କହିଲେ ଯେ, ଆମେ ହଜୁରଙ୍କୁ ଆମେରିକାରେ ସ୍ୱାଗତ ଜଣାଉଛୁ । ସେ ଏହି କଥା ବତାଇବା ସମୟରେ ଖୁସୀ ଅନୁଭବ କରୁଛନ୍ତି ଯେ, ତାଙ୍କ କାର୍ଯ୍ୟଳୟ ସହିତ ଯୋଗାଯୋଗ କରିବା ଯୋଗୁଁ ଆମେରିକାର ଗୃହ ମନ୍ତ୍ରାଳୟ ଏବଂ ତାହାର କାର୍ଯ୍ୟ ନିର୍ବାହୀ ହଜୁର ଅନଓ୍ୱର ଅ:ବ:ଅଙ୍କ ଗସ୍ତ ନିମନ୍ତେ ସମ୍ପୂର୍ଣ୍ଣରୂପେ ବିଶେଷ ସହଯୋଗ କରିବାର ନିଶ୍ଚିତ କରାଇଲେ ଏବଂ ଏହା ହଜୁର ଅନଓ୍ୱର ଅ:ବ:ଅଙ୍କ ପଦମର୍ଯ୍ୟାଦାର ଅନୁରୂପ ମଧ୍ୟ କାରଣ ହଜୁର ଅନଓ୍ୱର ଅ:ବ:ଅ ଚରମପନ୍ଥୀର ବିରୋଧ କରୁଛନ୍ତି ଏବଂ ତା ବିରୁଦ୍ଧରେ ସ୍ୱର ଉତୋଳନ କରୁଛନ୍ତି ଓ ପୃଥିବୀରେ ନ୍ୟାୟ ଓ ଶାନ୍ତି ସ୍ଥାପନ ନିମନ୍ତେ କାର୍ଯ୍ୟ କରୁଛନ୍ତି ।

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଆପଣ ଯେଉଁ ଭାବନାକୁ ଅଭିବ୍ୟକ୍ତ କରିଛନ୍ତି ସେଥିଯୋଗୁଁ ଆପଣଙ୍କୁ ଧନ୍ୟବାଦ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ ମୁଁ ତ ଇସ୍‌ଲାମର ଅସଲ ଓ ବାସ୍ତବିକ ଶିକ୍ଷାକୁ ହିଁ ବର୍ଣ୍ଣନା କରିଥାଏ । ଆଜିକାଲି ଚରମପନ୍ଥୀ କାର୍ଯ୍ୟକଳାପ ଓ ସନ୍ତ୍ରାସବାଦ ତରଫରୁ ଯେଉଁ କାର୍ଯ୍ୟକଳାପ ହେଉଅଛି ତା ସହିତ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା ସହିତ କୌଣସି ସମ୍ପର୍କ ନାହିଁ । ହଜୁର ଅନଓ୍ୱର ଅ:ବ:ଅ କହିଲେ ଇସ୍‌ଲାମ୍‌ର ଅସଲ ଅର୍ଥ ହେଉଛି ଶାନ୍ତି ଓ ସ୍ୱହାର୍ଯ୍ୟ ।

ଆଁ ହଜ୍‌ରତ୍ ସ:ଆ:ସ ଏହି ଭବିଷ୍ୟବାଣୀ କରିଥିଲେ ଯେ, ଶେଷ ଯୁଗରେ ଜଣେ ସଂସ୍କାରକ, ଜଣେ ରିଫରର୍ମର, ଆସିବେ ଯିଏ ଇସ୍‌ଲାମ୍‌ର ପୂର୍ନବିନ୍ୟାସ କରିବେ ଓ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷାକୁ ଲୋକମାନଙ୍କୁ ବତାଇବେ । ସୁତରାଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଭବିଷ୍ୟବାଣୀ ମୁତାବକ ଯମାତ୍ ଅହେମଦୀୟାର ପ୍ରତିଷ୍ଠାତା ଇସ୍‌ଲାମ୍‌ର ଅସଲ ଓ ବାସ୍ତବିକ ଶିକ୍ଷାକୁ ସଂସାର ସମ୍ମୁଖରେ ଉପସ୍ଥାପନ କଲେ ଓ ଆଜି ଯମାତ୍ ଅହେମଦୀୟା ଇସ୍‌ଲାମ୍‌ର ଅସଲ ଶିକ୍ଷା ଓ ଶାନ୍ତି ଶିକ୍ଷାକୁ ପ୍ରତ୍ୟେକ ସ୍ଥାନରେ ଉପସ୍ଥାପନ କରୁଅଛି । ଆମେ ବିରୁଧୀମାନଙ୍କ ଆରୋପର ଉତର ଦେବା ପାଇଁ କୌଣସି ଅସ୍ତ୍ର ବ୍ୟବହାର କରୁନାହୁଁ ବରଂ ଇସଲାମର ସଚ୍ଚା ଶିକ୍ଷା ଓ ପ୍ରମାଣକୁ ବ୍ୟବହାର କରୁଅଛୁ ଏବଂ ଦଲିଲ ଦ୍ୱାର ଇସ୍‌ଲାମର ପ୍ରତିରକ୍ଷା କରୁଅଛୁ ।

ଏହାପରେ କଂଗ୍ରେସର ମେମ୍ବର ଚରମପନ୍ଥୀ ଓ ସନ୍ତ୍ରାସବାଦୀମାନଙ୍କ ତରଫରୁ ହେଉଥିବା କାର୍ଯ୍ୟକଳାପ ଚର୍ଚ୍ଚା କଲେ ।

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ : ଯେଉଁ ଲୋକମାନେ ରାଡ଼ିକାଲାଇଜ୍ ହେଉଛନ୍ତି ତାହାର କିଛି କାରଣ ରହିଛି । ତଥାକଥିତ ମୁସଲମାନ ଓଲେମାମାନେ ସେମାନଙ୍କୁ ଏପରି ଭୁଲ ଶିକ୍ଷା ଦେଉଛନ୍ତି ଯାହା ସହିତ ଇସ୍‌ଲାମ୍‌ର କୌଣସି ସମ୍ପର୍କ ନାହିଁ । ନା ସହିପରି ଶିକ୍ଷା ପବିତ୍ର କୋରାନ୍‌ରେ ଅଛି ଏବଂ ନା ନବୀ କରିମ୍ ସ:ଆ:ସଙ୍କ କର୍ମରୁ ଏହା ପରିପ୍ରକାଶ ହେଉଛି । ଏହି ଭୁଲ୍ ଶିକ୍ଷା ସେ ଲୋକମାନଙ୍କୁ ଚରମପନ୍ଥୀ ବନାଇଦେଉଛି । ହଜୁର ଅନଓ୍ୱର ଅ:ବ:ଅ କହିଲେ ପ୍ରଥମତ ଶିକ୍ଷାର ସ୍ତରରେ ଦୁର୍ବଳତ ଆସିବା ଯୋଗୁଁ ଲୋକମାନେ ମୁଲ୍ଲାମାନଙ୍କ ପଛରେ ଗୋଡ଼ାଇଛନ୍ତି ଓ ଯେଉଁ ଶିକ୍ଷିତ ଲୋକମାନେ ଅଛନ୍ତି ସେମାନଙ୍କର ମଧ୍ୟ ଧର୍ମ ଶିକ୍ଷା ନାହିଁ । ଯାହା ମୁଲ୍ଲା କହିଥାନ୍ତି ସେମାନେ ମଧ୍ୟ ତାଙ୍କ ପଛେ ପଛେ ଚାଲିଥାନ୍ତି ଏବଂ ପୁଣି ଆର୍ଥିକ ଅସ୍ୱଚ୍ଛଳ ବ୍ୟକ୍ତି ଓ ରୋଜଗାର କମ୍ କରୁଥିବା ବ୍ୟକ୍ତି ମାନେ ଚରମପନ୍ଥୀ କାର୍ଯ୍ୟକଳାପକୁ ପ୍ରସାର କରିବାପାଇଁ ଅବସର ଯୋଗାଇଥାନ୍ତି । ତେଣୁ ଏହାର ସମାଧାନ ହେଉଛି ଏହା କି ମୁସଲମାନମାନଙ୍କ ପାଇଁ ଶିକ୍ଷା ଓ ରୋଜଗାରର ଅବସର ଯୋଗାଇଦେବା ଉଚିତ୍ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଆପଣ ଅହେମଦୀମାନଙ୍କ ମଧ୍ୟରେ ଏପରି ଦେଖିବାକୁ ପାଇବେନାହିଁ ଯେ ତାଙ୍କ ମଧ୍ୟରୁ କେହି ଚରମପନ୍ଥୀ କାର୍ଯ୍ୟକଳାପ ପ୍ରତି ଢ଼ଳୁଥିବେ କାରଣ ଅହେମଦୀମାନେ ଇସଲାମର ସଚ୍ଚା ଓ ବାସ୍ତବିକ ଶିକ୍ଷାକୁ ଜାଣିଛନ୍ତି ସେଥିପାଇଁ ସେମାନେ ରେଡ଼ିକାଲାଇଜ୍ ହୁଅନ୍ତି ନାହିଁ । ପୃଥିବୀର ଯେ କୌଣସି ଦେଶରେ ଅହେମଦୀ ଥିଲେ ମଧ୍ୟ ତାଙ୍କର ଆଚରଣ ଓ କର୍ମ ଏକାପରି କାରଣ ସେମାନେ ଇସ୍‌ଲାମର ପ୍ରକୃତ ଶିକ୍ଷା ଉପରେ ପରିଚାଳିତ ।

କଂଗ୍ରେସ ମେନ୍ ଚରମପନ୍ଥୀ ଓ ସନ୍ତ୍ରାସବାଦ କାର୍ଯ୍ୟକଳାପ ଖିଲାପରେ ଯମାତ୍ ଅହେମଦୀୟାର କାର୍ଯ୍ୟକଳାପର ଗୁରୁତ୍ୱକୁ ବର୍ଣ୍ଣନା କରି କହିଲେ ଯେ, ସମସ୍ତ ମୁସଲମାନଙ୍କ ନିମନ୍ତେ ହଜୁର ଅନଓ୍ୱର ଅ:ବ:ଅ ହିଁ ପ୍ରକୃତ ମାର୍ଗଦର୍ଶକ ଅଟନ୍ତି ଏବଂ ସେ ଚାହୁଁଛନ୍ତି ଯେ ସମଗ୍ର ମୁସଲମାନ ଜଗତ ହଜୁର ଅନଓ୍ୱର ଅ:ବ:ଅଙ୍କ ବାଣୀକୁ ବୁଝନ୍ତୁ ଏବଂ ତା ଉପରେ ପରିଚାଳିତ ହୁଅନ୍ତୁ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଚରମପନ୍ଥୀ ଖିଲାଫରେ ଯୁଦ୍ଧର ସମାଧାନ ବୋଧ ହୁଏ ଆମ ଜୀବଦସାରେ ତ ହୋଇନପାରେ । କିନ୍ତୁ ଆସନ୍ତା ପିଢ଼ିଙ୍କ ଜୀବଦସାରେ ବୋଧ ହୁଏ ହୋଇପାରେ ।

ଗୋଟେମାଲାରେ ଡ଼ାକ୍ତରଖାନା ପ୍ରତିଷ୍ଠା ଏବଂ ତାର ଉଦ୍‌ଘାଟନୀ ଉତ୍ସବ ସମ୍ବନ୍ଧରେ ଚର୍ଚ୍ଚା କରାଗଲା । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଆମେ ସେଠାରେ ସେହି ଡ଼ାକ୍ତରଖାନାଟି କେବଳ ଜନତାଙ୍କ ସେବା ନିମନ୍ତେ ଖୋଲି ରଖିଛୁ । ଆମକୁ ସେଠାରୁ କୌଣସି ଅର୍ଥ ଉପାର୍ଜନ କରିବାର ନାହିଁ । ଆମେ ଆଫ୍ରିକୀୟ ଦେଶଗୁଡ଼ିକରେ ମଧ୍ୟ ଡ଼ାକ୍ତରଖାନା ଓ ଅନେକ ସ୍କୁଲ୍ ଖୋଲି ରଖିଛୁ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଧର୍ମର ଶିକ୍ଷାର୍ଥୀ ସେଠାରେ ପାଠ ପଢୁଛନ୍ତି ।

ଏଠି ଆମେରିକା ଆସିବାର ଉଦ୍ଦେଶ୍ୟ ପ୍ରସଙ୍ଗରେ ଚର୍ଚ୍ଚା ହେଲା ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ତିନୋଟି ମସ୍‌ଯିଦ୍‌ର ଉଦ୍‌ଘାଟନ ପ୍ରୋଗ୍ରାମ ଥିଲା । ପୁଣି ଗୋଟେମାଲାଠାରେ ଡ଼ାକ୍ତରଖାନ ଉଦ୍‌ଘାଟନର ପ୍ରୋଗ୍ରାମ ଥିଲା । ନିଜ ସମ୍ପ୍ରଦାୟର ଲୋକମାନଙ୍କ ସହିତ ମିଳିବାର ଥିଲା ଓ ପୁଣି ଆପଣଙ୍କ ଭଳି ଭଦ୍ରବ୍ୟକ୍ତିଙ୍କ ସହିତ ସାକ୍ଷାତ କରିବାର ଥିଲା ।

କଂଗ୍ରେସ କର୍ମୀ ମାଇକେଲ୍ ମ୍ୟାକ୍ କାଓ୍ୱଲ୍ ଅହେମଦୀୟା ମୁସଲିମ୍ କାକସ୍‌ର ଚର୍ଚ୍ଚା କଲେ ଏଥିରେ ହଜୁର ଅନଓ୍ୱର ଅ:ବ:ଅ ତାଙ୍କ

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

ଠାରୁ ପଚାରି ବୁଝିଲେ ଯେ କଣ ସେ ତାର ଚେୟାରମ୍ୟାନ ଅଛନ୍ତି ? ଏଥିରେ ସେ ବତାଇଲେ ଯେ, ତାଙ୍କ ଅତି ନିକଟତର ବନ୍ଧୁ କଂଗ୍ରେସର କର୍ମୀ ପିଟର କିଙ୍ଗ ଅଫ୍ ନ୍ୟୁୟର୍କ ତାର ଚେୟାରମ୍ୟାନ ଅଛନ୍ତି ।

ଜଲ୍ସା ସାଲ୍ନା ୟୁକେର ଚର୍ଚ୍ଚା ହେବା ପରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ପୃଥିବୀର ବିଭିନ୍ନ ଦେଶରୁ ଅତିଥିମାନେ ଆସୁଛନ୍ତି ସେଠାରେ ଉଣା ଅଧିକେ ୪୦୦୦୦ ସଂଖ୍ୟା ଏକାଠି ହେଉଛନ୍ତି । ଗୋଟିଏ ଫାର୍ମରେ ଜଲ୍ସା ଅନୁଷ୍ଠିତ ହୋଇଥାଏ ଓ ସେଠାରେ ଗୋଟିଏ ଅସ୍ଥାୟୀ ଗ୍ରାମ ନିର୍ମାଣ କରାଯାଇଥାଏ । ଏହି ସମସ୍ତ କାର୍ଯ୍ୟର ୭୦% ସ୍ୱେଚ୍ଛାସେବକମାନେ କରିଥାନ୍ତି । ଯେବେ ସେଠାକୁ ପୋଲିସ ଡ୍ୟୁଟି କରିବାକୁ ଆସିଥାନ୍ତି ସେମାନେ ଏହି କଥା କହିଥାନ୍ତି ଯେ, ଆମକୁ ଏଠାକୁ ଆସିବାର କୌଣସି ଆବଶ୍ୟକତା ହିଁ ନାହିଁ କାରଣ ଆପଣଙ୍କ ଯୁବଗୋଷ୍ଠୀ ସିକ୍ୟୁରିଟିର ସମସ୍ତ କାର୍ଯ୍ୟକୁ ସମ୍ଭାଳିଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଏଠାରେ ମଧ୍ୟ ବାହାରେ ପୋଲିସ ନିଜର ଡ୍ୟୁଟି ଦେଉଛନ୍ତି ଭିତରେ ତ କୌଣସି ପ୍ରକାରର ବ୍ୟବସ୍ଥା ଓ ସିକ୍ୟୁରିଟିର ଅସୁବିଧା ନାହିଁ ବାହାରୁ ହୋଇପାରେ ।

କଂଗ୍ରେସ ମେନ୍ ହଜୁର ଅନଓ୍ୱର ଅ:ବ:ଅଙ୍କ ଲଣ୍ଡନଠାରେ ରହଣି ଓ ପାକିସ୍ତାନରେ ଯମାତ୍ ଉପରେ କରାଯାଉଥିବା ଅତ୍ୟାଚାର ଏବଂ ସେମାନଙ୍କୁ ତାଙ୍କ ଅଧିକାରରୁ ବଂଚିତ କରିବା ସମ୍ବନ୍ଧରେ ଚର୍ଚ୍ଚା କରାଗଲା । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ମୁଁ ଲଣ୍ଡନଠାରେ ରହୁଛି ଓ ପାକିସ୍ତାନରେ ପର୍ସିକ୍ୟୁଶନ୍ ଏବଂ ମୁଁ ସେଠାରେ ନିଜର ଧାର୍ଯ୍ୟ କାର୍ଯ୍ୟକୁ ସମ୍ପାଦନ ନ କରିପାରିବା ଯୋଗୁଁ ଯାଇପାରିବି ନାହିଁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ପାକିସ୍ତାନରେ ୧୯୭୪ ମସିହାରେ ସେ ସମୟର ପ୍ରଧାନମନ୍ତ୍ରୀ ଜୁଲ୍ଫିକାର୍ ଅଲୀ ଭୁଟ୍ଟୋ ଏ କାନୁନ ବନାଇଥିଲା ଯେ, ଅହେମଦୀମାନେ କାନୁନୀ ଓ ଆଇନ ଅନ୍ତର୍ଗତ ଗୈର୍ ମୁସଲିମ୍ (ଅର୍ଥାତ୍ ଅଣ ମୁସଲୀମ) ଅଟନ୍ତି । ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଲଣ୍ଡନ ଆସିବା ପୂର୍ବରୁ ମୁଁ ରବ୍ୱାରେ ରହୁଥିଲି । ରବ୍ୱା ହେଉଛି ଲାହୋର ଠାରୁ ୧୦୦ମାଇଲ୍ ଦୁରତାରେ ଅବସ୍ଥିତ ଓ ଇସଲାମାବାଦରୁ ଉଣା ଅଧିକେ ୨୫୦ ମାଇଲ ଦୂରତାରେ ଅବସ୍ଥିତ । ରବ୍ୱାର ୯୭% ଜନସଂଖ୍ୟା ହେଉଛନ୍ତି ଅହେମଦୀ । ଏହା ସତ୍ତ୍ୱେ ମଧ୍ୟ ସେଠିକାର ସ୍ଥାନୀୟ କାଉଂନସିଲ୍‌ରେ ଆମର କୌଣସି ସଦସ୍ୟ ନାହାନ୍ତି । ସେଠିକାର ଲୋକାଲ୍ କମିଟିର ବ୍ୟବସ୍ଥାରେ ଆମର କୌଣସି ସଦସ୍ୟ ନାହାନ୍ତି । ଏବେ ସେଠାରେ ଦୁଇ ପ୍ରତିଶତ ସଂଖ୍ୟାଲଘୁ ଆମ ଉପରେ ଅଗ୍ରାଧିକାର ପାଇଛନ୍ତି । ସେମାନେ ରବ୍ୱାରେ ଆମ ଉପରେ ଶାସନ କରୁଛନ୍ତି । ଭୋଟ ଦେବାର ଅଧିକାରରୁ ବଂଚିତ ହେବା ପ୍ରସଙ୍ଗରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ ସରକାର ଆମ ପାଇଁ ଏ ସର୍ତ୍ତ ରଖିଛନ୍ତି ଯେ, ନିଜକୁ ଅଣ ମୁସଲିମ ସ୍ୱୀକାର କର ତେବେ ଯାଇ ଭୋଟ ଦେବାର ହକ୍ ମିଳିବ । ହଜୁର ଅନଓ୍ୱର ଅ:ବ:ଅ କହିଲେ ଆପଣ ଯାହା ମୋତେ ଭାବୁଛନ୍ତି ଭାବନ୍ତୁ କିନ୍ତୁ ମୋତେ ବାଧ୍ୟ କରିପାରିବେ ନାହିଁ ଯେ ମୁଁ ନିଜକୁ ଅଣ ମୁସଲିମ୍ କହେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ମୁଁ ପାକିସ୍ତାନରେ ରହୁଥିଲି ସେଠାରେ ଯମାତ୍‌ର ହେଡ୍ ଥିଲି ଯମାତ୍ ବିରୁଦ୍ଧରେ ଯେଉଁ କାନୁନ ରହିଛି ସେଥିପାଇଁ ମୁଁ ମଧ୍ୟ ଏଗାର ଦିନ ଜେଲ୍ ଯାଇଛି । ଯେବେ କି ମୁଁ କୌଣସି ପ୍ରକାରର ଭୁଲ୍ କାମ କରିନଥିଲି, କାହାକୁ ମାରିନଥିଲି ଓ କୌଣସି ଜଣେ ବିରୋଧୀ ମୋ ବିରୁଦ୍ଧରେ ମିଛରେ ଅଭିଯୋଗ କରିଦେଇଥିଲେ । ପୁଣି ପରେ ମାଜିଷ୍ଟ୍ରେଟ୍ ଦେଖିଲେ ଯେ ଏ ଆରୋପ ହେଉଛି ମିଥ୍ୟା ଓ ଆମକୁ ଭୁଲ୍‌ଭାବେ ବନ୍ଦୀ କରିଦିଆଯାଇଛି ତେଣୁ ଆମକୁ ମୁକ୍ତି ମିଳିଗଲା ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଜିଆଉଲ୍ ହକ୍ ନିଜ ରାଷ୍ଟ୍ରପତି ଥିବା ସମୟରେ ଯମାତ୍ ବିରୁଦ୍ଧରେ କଠୋର କାନୁନ ପ୍ରଣୟନ କଲେ । ଆମେ ଅଶଲାମୁ ଆଲିକୁମ୍ କହିପାରିବୁ ନାହିଁ । ଯଦି କହିବୁ ୩ ବର୍ଷ ଜେଲ୍ ଦଣ୍ଡ ଭୋଗିବୁ । ପିଲାମାନଙ୍କର ନାମ ମୁସଲମାନଙ୍କ ନାମ ପରି ରଖିପାରିବୁ ନାହିଁ । ବିବାହ କାର୍ଡ଼ରେ ବିସ୍‌ମିଲ୍ଲାଃ ହିର୍ ରହ୍‌ମା ନିର୍ ରହିମ୍ ଲେଖିବା ଯୋଗୁଁ ଅହେମଦୀମାନଙ୍କ ଉପରେ ମୁକଦ୍ଦମା କରାଗଲା । ଆଜିକାଲି ବିଭିନ୍ନ ଚାର୍ଜେସ ଯୋଗୁଁ ବହୁତ ଅହେମଦୀ ଜେଲ୍ ରେ ଅଛନ୍ତି ।

ଆମେ ଆମ ମସ୍‌ଜିଦ୍‌କୁ ଯାଇଥାଉ କିନ୍ତ ଅଜାନ୍ ଦେଇପାରିବୁ ନାହିଁ ଓ ମସ୍‌ଯିଦ୍‌କୁ ମସ୍‌ଯିଦ୍ ବୋଲି କହିପାରିବୁ ନାହିଁ ।

କଂଗ୍ରେସ ମେନ୍ ଏ କଥାରେ ଆଶ୍ଚର୍ଯ୍ୟ ପ୍ରକଟ କଲେ ଯେ, ପ୍ରଧାନମନ୍ତ୍ରୀ ଜୁଲ୍ଫିକାର ଅଲି ଭୁଟ୍ଟୋ କାହିଁକି ଯମାତ୍ ଅହେମଦୀୟାକୁ ଅଣ ମୁସଲିମ୍ ଅଭିହିତ କରାଇଲା ଯେବେ କି ସେ ନିଜକୁ ଜଣେ ଧର୍ମନିରପେକ୍ଷ ମାର୍ଗଦର୍ଶନକାରୀ ନେତା ବୋଲି ବୋଲାଉଥିଲା ।

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ପ୍ରଥମତଃ ଏହା ହେଉଛି ଯେ ଭୁଟ୍ଟୋ ଏହି କଥା ଭାବୁଥିଲା ଯେ ଅହେମଦୀମାନେ ଦେଶରେ ଗୁରୁତ୍ୱ ବହନ କରିଚାଲିଛନ୍ତି । ଇଲେକ୍‌ସନ୍‌ରେ ଅହେମଦୀୟା କମ୍ୟୁନିଟି ତା ପାଇଁ କାମ କରିଥିଲା ଓ ବିଶେଷ ରୂପେ ସେହି ସବୁ ଇଲାକାରେ କରିଥିଲା ଯେଉଁଠାରେ ତାକୁ କେହି ଜାଣିନଥିଲେ । ଆମ ଜମାତ୍ ହେଉଛି ଗୋଟିଏ ସୃଙ୍ଖଳିତ ଯମାତ୍ ଆମ ନିକଟରେ ଭୋଟ ଥିଲା ସୁତରାଂ ଅହେମଦୀୟା କମ୍ୟୁନିଟି ହିଁ ଭୁଟ୍ଟୋକୁ ମଂଚ ଉପରେ ପହଂଚାଇ ଦେଇଥିଲା । ଫଳତଃ ସେ ସରକାର ବନାଇଲା ।

ପୁଣି ଦ୍ୱିତୀୟକଥା ହେଉଛି ଏହା କି ଭୁଟ୍ଟୋ ମୁସଲମାନ ଜଗତର ନେତା ହେବାକୁ ଚାହୁଁଥିଲା ସେ ପାକିସ୍ତାନରେ ସମିଟ୍ କନଫେରେସନ୍‌ର ମଧ୍ୟ ପ୍ରତିଷ୍ଠା କରିଥିଲା ଯେଉଁଥିରେ ମୁସଲମାନ ଦେଶଗୁଡ଼ିକର ସର୍ବୋଚ୍ଚ ନେତାମାନେ ସାମିଲ ହୋଇଥିଲେ । ଭୁଟ୍ଟୋ ଭାବିଲା ଯେ ଯଦି ଅହେମଦୀୟାମାନଙ୍କୁ ଅଣ ମୁସଲିମ୍ ଭାବେ ଅଭିହିତ କରିଦେବି ତେବେ ମୁସଲମାନ ଦେଶଗୁଡ଼ିକରେ ମୋ ପାଇଁ ଏକ ସ୍ଥାନ ସୃଷ୍ଟି ହୋଇଯିବ । ଏହି ସମସ୍ତ ମାମଲା ପଲିଟିକାଲ୍ ରୂପେ କରାଯାଇଥିଲା ।

ହଜୁର ଅନଓ୍ୱର ଅ:ବ:ଅଙ୍କ ଲଣ୍ଡନ ଆସିବା ପ୍ରସଙ୍ଗରେ ଚର୍ଚ୍ଚା ହେବାରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ମୁଁ ତ ଚତୁର୍ଥ ଖଲିଫା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେଙ୍କ ଦେହାନ୍ତରେ କିଛି ଦିନ ପାଇଁ ଲଣ୍ଡନ ଆସିଥିଲି । ଇଲେକ୍‌ଟ୍ରାଲ୍ କଲେଜରେ ସାମିଲ ଥିଲି । ମୁଁ ତ ଏଠାରୁ ଫେରିଯିବା ପାଇଁ ଆସିଥିଲି । କିନ୍ତୁ ଖଲିଫତୁଲ୍ ମସିହ୍ ରୂପେ ନିର୍ବାଚିତ ହେଲି ତେଣୁ ମୁଁ ଏବେ ପାକିସ୍ତାନ ଫେରି ଯାଇପାରି ନଥାନ୍ତି । ସେଠାରେ କାହାକୁ

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

‘‘ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ’’

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahemadiya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

‘‘ପବିତ୍ର କୋରାନ୍‌କୁ ବୁଝିବା ଓ ତା’ ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)’’

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahemadiya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

‘‘ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।’’

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Mufleh-u-ddin Khan, Jamat Ahemadiya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

‘‘ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।’’

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

ତାଲିବେ ଦୁଆ: *Sharif-u-ddin Khan, Jamat Ahemadiya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

‘‘ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା’’

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Amiruddin Khan & Family, Jamat Ahemadiya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

‘‘ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।’’

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahemadiya, Kerang (Odisha)*

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.4 Thursday 06 June 2019 Issue No. 23

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଆମେରିକା ଗସ୍ତ - (ଅକ୍ଟୋବର ୨୦୧୮)

## ୨୪ ଅକ୍ଟୋବର (ବୁଧବାର) ଗୋଟେମାଲାରୁ ଗସ୍ତ ଓ ହୋଷ୍ଟେନ୍ (ଆମେରିକା)ରେ ପଦାର୍ପଣ

ହଜୁର ଅନଓ୍ୱର ଅ:ବ:ଅ ଭୋର ୫ଟା ବେଳେ ହୋଟେଲ୍‌ରେ ଥିବା ହଲ୍ ଭିତରେ ପହଂଚି ଫଜର ନମାଜ୍ ପଢ଼ାଇଲେ ନମାଜ ପାଠପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀ ଆପାଟମେଂଟକୁ ଚାଲିଗଲେ ।

ଆଜି ପ୍ରୋଗ୍ରାମ ମୁତାବକ ଗୋଟେମାଲା ଗସ୍ତ କରିବାପରେ ହୋଷ୍ଟେନ ଆମେରିକା ନିମନ୍ତେ ଯାତ୍ରା କରିବାର ଥିଲା । କାର୍ଯ୍ୟକ୍ରମ ମୁତାବକ ଠିକ୍ ୧୦.୪୦ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ହୋଟେଲର ବାହାରକୁ ପଦାର୍ପଣ କଲେ ଯମାତ୍ ଅହେମଦିୟା ଗୋଟେମୋଲାର ସମସ୍ତ ପୁରୁଷ ଓ ମହିଳାମାନେ ଓ ଅନ୍ୟାନ୍ୟ ଦେଶ ଗୁଡ଼ିକ ମେକ୍ସିକୋ ଏବଂ ବେଲିଜ୍ ଇତ୍ୟାଦିରୁ ଆସିଥିବା ନୁଆ ଅହେମଦୀ ପୁରୁଷ ମହିଳା ଓ ଛୋଟ ଛୋଟ ପୁଅଝିଅମାନେ ସକାଳୁ ହିଁ ନିଜ ପ୍ରୀୟ ଆକାଙ୍କୁ ବିଦାୟ ଦେବା ପାଇଁ ଏକତ୍ରିତ ହେବା ଆରମ୍ଭ କରିଦେଇଥିଲେ । ଯେଉଁ କ୍ଷଣି ହଜୁର ଅନଓ୍ୱର ଅ:ବ:ଅ ବାହାରକୁ ବାହାରିଲେ ଉପସ୍ଥିତ ସମସ୍ତ ଅହେମଦୀମାନେ ନିଜର ହାତକୁ ଉପରକୁ ଉଠାଇ ହଜୁର ଅନଓ୍ୱର ଅ:ବ:ଅଙ୍କୁ ବିଦାୟ ଦେଲେ । ଛୋଟ ଛୋଟ ଝିଅପିଲାମାନେ ଓ ଲଜ୍‌ନାମାନେ ନିଜ ସ୍ଥାନୀୟ ଭାଷାରେ ପ୍ରାର୍ଥନା ମୁଳକ କବିତା ପେଷ କଲେ । ହଜୁର ଅନଓ୍ୱର ଅ:ବ:ଅ ଦୟା ପରବସ ହୋଇ ଉପସ୍ଥିତ ଶ୍ରଦ୍ଧାଳୁଙ୍କ ନିକଟରେ କିଛି ସମୟ ଅତିବାହିତ କଲେ ସେ ସମୟରେ ସମସ୍ତେ ନିଜ ପ୍ରୀୟ ମୁନିବଙ୍କୁ ଦର୍ଶନ କରୁଥାନ୍ତି ଓ ଛୋଟ ଛୋଟ ଝିଅପିଲାମାନେ ନଜମ୍ ପଢୁଥାନ୍ତି ।

ଏହାପରେ ଠିକ୍ ୧୦.୪୭ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ଇଜ୍‌ତିମାଇ (ଅର୍ଥାତ୍ ସାମୁହିକ) ଦୁଆ କରାଇଲେ ଓ ଏଠାରୁ ଏୟାରପୋର୍ଟ ନିମନ୍ତେ ଯାତ୍ରା ଆରମ୍ଭ କଲେ । ପୋଲିସ ହଜ୍‌ରତଙ୍କ କାଫିଲାକୁ ଏସ୍‌କର୍ଟ କଲା ଠିକ୍ ୧୧.୪୫ ମିନିଟ୍‌ରେ ହଜୁର ଅନଓ୍ୱର ଅ:ବ:ଅ ଏୟାରପୋର୍ଟ ଠାରେ ପଦାର୍ପଣ କଲେ ପୁଣି ହଜୁର ଅନଓ୍ୱର ଅ:ବ:ଅଙ୍କ ଆଗମନ ପୁର୍ବରୁ ଜିନିଷ ପତ୍ରର ବୁକିଙ୍ଗ ଓ ବୋର୍ଡ଼ିଙ୍ଗ କାର୍ଡ଼ର ଅଧିଗ୍ରହଣ ଏବଂ ଇମିଗ୍ରେସନ୍‌ର କାରବାହି ସମ୍ପୂର୍ଣ୍ଣ ହୋଇସାରିଥିଲା । ଗୋଟିଏ ବିଶେଷ ପୋର୍ଟକଲ୍‌ର ବ୍ୟବସ୍ଥା ଅନ୍ତର୍ଗତ ହଜୁର ଅନଓ୍ୱର ଅ:ବ:ଅ ଗୋଟିଏ ସ୍ପେଶାଲ୍ ଲଂଚ ଭିତରେ ପ୍ରବେଶ କଲେ ।

ଠିକ୍ ଦିନ ୧.୧୫ ମିନିଟ୍‌ରେ ହଜୁର ଅନଓ୍ୱର ଅ:ବ:ଅ ଜାହାଜରେ ଚଢ଼ିଲେ । ୟୁନାଇଟେଡ୍‌ର ଏୟାରଲାଇନର ଜାହାଜ ନଂ UA-1903 ଠିକ୍ ୧.୩୦ ରେ ଗୋଟେମୋଲାରୁ ହୋଷ୍ଟେନ୍ ଆମେରିକାରୁ ଉଡ଼ାଣ କଲା । ହୋଷ୍ଟେନ୍‌ର ସ୍ଥାନୀୟ ସମୟ ମୁତାବକ ଜାହାଜଟି ୫.୧୦ ମିନିଟ୍‌ରେ ଜର୍ଜବୁଶ୍ ହୋଷ୍ଟେନ୍ ଏୟାରପୋର୍ଟରେ ଅବତରଣ କଲା । ହୋଷ୍ଟେନ୍‌ର ସମୟ ଗୋଟେମୋଲାଠାରୁ ଏକ ଘଂଟା ଆଗୁଆ । ଏକ ବିଶେଷ ପୋର୍ଟକଲ୍ ଅନ୍ତର୍ଗତ ଇମିଗ୍ରେସନ୍‌ର କାରବାହି ହେଲା ଓ ଠିକ୍ ୬.୧୦ ମିନିଟ୍‌ରେ ସେଠାରୁ ଯମାତ୍‌ର କେନ୍ଦ୍ର ମସ୍‌ଯିଦ୍ ବଇତୁସ୍ ସମି ନିମନ୍ତେ ଯାତ୍ରା ଆରମ୍ଭ ହେଲା । ଯୋହର୍ ଓ ଅସର୍ ନମାଜ ସମୟ ଅନୁସାରେ ଯାତ୍ରା କରିବାର ଅବଧି ସମୟରେ ହିଁ ପାଠ କରାଗଲା ।

ଏୟାରପୋର୍ଟରେ ମୋକ୍‌ରମ୍ ଡ଼ାକ୍ତର ନସିମ୍ ରହ୍‌ମତୁଲ୍ଲାଃ ସାହେବ ନାଏବ୍ ଅମୀର ୟୁ.ଏସ୍.ଏ ଏବଂ ଡ଼ାକ୍ତର ଅତାଉର୍ ରବ୍ ସାହେବ ସେକ୍ରେଟାରୀ ଉମ୍‌ରେ ଖାରିଜା ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ । ଏ ଅବସରରେ ହୋଷ୍ଟେନ୍‌ର ମେୟରଙ୍କ ପ୍ରତିନିଧି ମଧ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇବା ନିମନ୍ତେ ଏୟାରପୋର୍ଟଠାରେ ଉପସ୍ଥିତ ଥିଲେ । ଏୟାରପୋର୍ଟରୁ ମସ୍‌ଯିଦ୍ ବଇତୁସ୍ ସମି ଯିବା ପାଇଁ ଗସ୍ତ ଆରମ୍ଭ ହେଲା ସେତେବେଳେ ପୋଲିସର ୬ଟି ମୋଟରସାଇକେଲ ଦଳ କାଫିଲାଙ୍କୁ ଏସ୍‌କର୍ଟ କଲା ଏବଂ ମିଶନ୍ ହାଉସ୍ ପର୍ଯ୍ୟନ୍ତ ସମ୍ପୁର୍ଣ୍ଣ ରାସ୍ତାକୁ ଖାଲି କରିଚାଲିଲେ ।

ଠିକ୍ ୬.୩୫ ମିନିଟ୍‌ରେ ହଜୁର ଅନଓ୍ୱର ଅ:ବ:ଅ ଯମାତି ସେଂଟର ବଇତୁସ୍ ସମିଠାରେ ପଦାର୍ପଣ କଲେ ଯେଉଁଠାରେ ହଜୁର ଅନଓ୍ୱର ଅ:ବ:ଅଙ୍କୁ ବହୁତ ଉତ୍ସାହିତ ହୋଇ ସ୍ୱାଗତ କରାଗଲା । ହୋଷ୍ଟେନ୍ ଓ ତାର ଆଖପାଖରେ ଥିବା ଯମାତ୍ ଗୁଡ଼ିକ ବ୍ୟତିତ ଅନ୍ୟାନ୍ୟ ଯମାତ୍‌ଗୁଡ଼ିକରୁ ଅର୍ଥାତ୍ ଡ଼ଲାସ୍, ଆସ୍ଟିନ୍, ବୋଷ୍ଟନ୍, ସିଲ୍‌ଭର ସ୍ପିଙ୍ଗ, ଲୋରେଲ୍, ଲସ୍‌ଏଞ୍ଜିଲେସ୍, ବାଲ୍ଟିମ୍ୟୁର, ଡିମିସି, ବେପଏଂଟ, ଜର୍ଜିୟା ଏବା ଚିକାଗୋ ସହରରୁ ଯମାତର ଲୋକମାନେ ବହୁତ ଲମ୍ବା ଯାତ୍ରା ଅତିକ୍ରମ କରି ନିଜ ପ୍ରୀୟ ଆକାଙ୍କୁ ସ୍ୱାଗତ କରିବାପାଇଁ ହୋଷ୍ଟେନଠାରେ ପହଂଚିଥିଲେ ।

ଲସ୍‌ଏଞ୍ଜିଲେସ୍, ସିଲ୍‌ଭର ସ୍ପ୍ରୀଙ୍ଗ ଏବଂ ଲୋରେଲ୍‌ର ଯମାତ ଗୁଡ଼ିକରୁ ଆସିଥିବା ଲୋକମାନେ ଓ ଫ୍ୟାମିଲିଗୁଡ଼ିକ ସାଢ଼େ ତିନି ଘଂଟା ଜାହାଜରେ ଯାତ୍ରା କରି ଏଠାରେ ପହଂଚିଥିଲେ । ବାଲ୍ଟିମ୍ୟୁରରୁ ଜାହାଜ ମାଧ୍ୟମରେ ଆସିଥିବା ଲୋକମାନେ ସାଢ଼େ ତିନି ଘଂଟାର ଫ୍ଲାଇଟ୍ ଏବଂ ବେପଏଂଟ ଓ ବୋଷ୍ଟନ୍‌ରୁ ନିଜ ପ୍ରୀୟ ଆକାଙ୍କୁ ସ୍ୱାଗତ ଜଣାଇବା ପାଇଁ ଚାରିଘଂଟାର ଜାହାଜ ଯାତ୍ରା କରି ଏଠାରେ ପହଂଚିଥିଲେ । କାନାଡ଼ା ଓ ଜର୍ମାନୀରୁ ମଧ ହଜୁର ଅନଓ୍ୱର ଅ:ବ:ଅଙ୍କ ଆଗମନ ପୂର୍ବରୁ ହୋଷ୍ଟେନ୍ ପହଂଚି ସାରିଥିଲେ ଓ ଆଜି ନିଜ ପ୍ରୀୟ ଆକାଙ୍କୁ ସ୍ୱାଗତ କରିବାପାଇଁ ଏଠାରେ ଉପସ୍ଥିତ ଥିଲେ ।

ଯେଉଁ କ୍ଷଣି ହଜୁର ଅନଓ୍ୱର ଅ:ବ:ଅଙ୍କ ଗାଡ଼ି ମସ୍‌ଯିଦ୍ ବଇତୁସ୍ ସମିର ବାହ୍ୟ ଫାଟକ ଭିତରେ ପ୍ରବେଶ କଲା ଉପସ୍ଥିତ ସମସ୍ତ ପୁରୁଷ ଓ ମହିଳାମାନେ ଅତ୍ୟନ୍ତ ଉତ୍ସାହିତ ଶୈଳୀରେ ସ୍ଲୋଗାନ ଲଗାଇଲେ । ଛୋଟ ଝିଅପିଲାଙ୍କ ଦଳ ଗୁଡ଼ିକ ସ୍ୱାଗତମୂଳକ ଗିତ ପରିବେଷଣ କଲେ । ପ୍ରତ୍ୟେକ ଛୋଟ ବଡ଼, ପୁରୁଷ ମହିଳା, ଯୁବକ ବୁଢ଼ା ନିଜର ହାତକୁ ଉପରକୁ ଉଠାଇ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇଥିଲେ ଓ ହଜୁରଙ୍କୁ ଦର୍ଶନ କରି ଆନନ୍ଦିତ ହେଉଥିଲେ । ସେମାନଙ୍କ ପାଇଁ ଅତ୍ୟନ୍ତ ଖୁସୀର ସମୟ ଥିଲା । ହଜୁର ଅନଓ୍ୱର ଅ:ବ:ଅ ୨୨ ଅକ୍ଟୋବର ଦିନ ହୋଷ୍ଟେନରୁ ଗୋଟେମୋଲା ଗସ୍ତ କରିଥିଲେ ଓ ଏବେ ଦୁଇ ଦିନ ପରେ ଏଠାକୁ ଫେରି ଆସିଛନ୍ତି । ସଂନ୍ଧ୍ୟାବେଳ ସମୟ ଥିଲା ଓ ଅନ୍ଧାର ଧିରେ ଧିରେ ବ୍ୟାପୁଥିଲା ଏବଂ ଏହି ସମଗ୍ର କଂପ୍ଲେସଟି, ଓ ଏହାର ସମସ୍ତ କୋଠରୀ, ବୃକ୍ଷଲତା ଏବଂ ବାଡ଼ ଓ ରଙ୍ଗବେରଙ୍ଗର ଚାରାଗଛ ଗୁଡ଼ିକ ଆଲୋକରେ ଚକମକ ହେଉଥିଲେ ।

ଗୋଟିଏ ପଟେ ସାରା ଇଲାକା ଆଲୋକିତ ଥିଲା ତା ଅନ୍ୟପଟେ ଏଠିକାର ବାସିନ୍ଦାମାନଙ୍କ ମନ ମଧ ଆଲୋକିତ ଥିଲା ଯେ ହଜୁର ଅନଓ୍ୱର ଅ:ବ:ଅ ଏବେ ପୁନର୍ବାର ତାଙ୍କ ନିକଟକୁ ଆସିଛନ୍ତି ଓ କିଛିଦିନ ଏଠାରେ ରହିବେ ଓ ଆମେ ଦିନ ରାତି ନିଜ ପ୍ରୀୟ ଆକାଙ୍କ ନିକଟତର ହୋଇ ବର୍‌କତ ହାସଲ କରିବୁ । ନିଜ ପ୍ରୀୟ ଆକାଙ୍କ ନେତୃତ୍ୱରେ ନମାଜ୍ ପଢ଼ିବୁ ଓ ନିଜ ଆକାଙ୍କ ପ୍ରାର୍ଥନାରୁ ଭାଗ ପାଇବୁ ଏବଂ ଏହି ମୁବାରକ୍ ଓ ବାବରକତ ଦିନ ଗୁଡ଼ିକର ପ୍ରତି କ୍ଷଣରୁ ନିଜ ଇମାନ୍‌କୁ ଆଲୋକିତ କରିବୁ ଓ ହୃଦୟକୁ ସାନ୍ତ୍ୱନା ଦେବୁ ।

ହଜୁର ଅନଓ୍ୱର ଅ:ବ:ଅ ନିଜର ହାତକୁ ଉପରକୁ ଉଠାଇ ସମସ୍ତଙ୍କୁ ଅସଲାମୁ ଆଲୈକୁମ୍ କହିଲେ ଓ ନିଜ ଆବାସ ସ୍ଥଳୀକୁ ଚାଲିଗଲେ ।

ଏହାପରେ ଠିକ୍ ୮.୩୦ ସମୟରେ ହଜୁର ଅନଓ୍ୱର ଅ:ବ:ଅ ବାହାରକୁ ପଦାର୍ପଣ କରି ମର୍ଗି ଓ ଇଶା ନମାଜ୍ ଜମା କରି ପଢ଼ାଇଲେ । ନମାଜ ପଢ଼ିବା ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲଗଲେ ।

## ୨୫ ଅକ୍ଟୋବର (ଗୁରୁବାର)

ହଜୁର ଅନଓ୍ୱର ଅ:ବ:ଅ ଭୋର୍ ୬.୩୦ ମସ୍‌ଯିଦ୍ ବଇତୁସ୍ ସମି ହୋଷ୍ଟେନ୍‌ଠାରେ ପହଂଚି ଫଜର୍ ନମାଜ୍ ପଢ଼ାଇଲେ । ନମାଜ୍ ପାଠପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ, ସକାଳବେଳା ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରି ଡ଼ାକ, ଚିଠିପତ୍ର ଏବଂ ରିପୋର୍ଟ ଇତ୍ୟାଦି ନିରିକ୍ଷଣ କଲେ ଓ ସେ ସମ୍ବନ୍ଧିତ ଆଦେଶ ପ୍ରଦାନ କଲେ । ଏହାପରେ ହଜୁର ଅନଓ୍ୱର ଅ:ବ:ଅ ବିଭିନ୍ନ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

ହଜୁର ଅନଓ୍ୱର ଅ:ବ:ଅ ଠିକ୍ ୨ଟା ସମୟରେ ମସ୍‌ଯିଦ୍ ବଇତୁସ ସମିଠାରେ ପହଂଚି ଯୋହର୍ ଏବଂ ଅସର ନମାଜକୁ ଜମାକରି ପଢ଼ାଇଲେ । ନମାଜ ପାଠ ପଢ଼ିବାପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ପ୍ରୋଗ୍ରାମ ମୁତାବକ ଠିକ୍ ୫.୩୦ ସମୟରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଦଫ୍‌ତରରେ ପଦାର୍ପଣ କଲେ ।

### ହାରିସ୍ କାଉଂଟିର କମିଶନରଙ୍କ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର

ହାରିସ୍ କାଉଂଟିର ଜଣେ ଅତିଥି ପ୍ରିସେଂଟ ୪ ର କମିଶନର ଜ୍ୟାକ୍ କାଗଲ୍ ସାହେବ୍ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବା ପାଇଁ ଆସି ପହଂଚିଥିଲେ । ସେ ହଜୁର ଅନଓ୍ୱର ଅ:ବ:ଅଙ୍କ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

କମିଶନର ସାହେବ ଜିନାହ୍ ଟୋପି ପିନ୍ଧିଥିଲେ ଯାହାକୁ ସେ ନିଜର ବନ୍ଧୁ ନାସିର୍ ହଫିଜ୍ ମଲକ୍ ସାହେବ (ଯଇମ୍ ଅନ୍‌ସାରୁଲ୍ଲାଃ ଏବଂ ହୋଷ୍ଟେନର ସେକ୍ରେଟାରୀ)ଙ୍କ ଠାରୁ ହାସଲ କରିଥିଲେ । ସେ ମହାଶୟ କହିଲେ ଏହି ଟୋପିଟି ତାଙ୍କୁ ମାନୁଛି । ସୁତରାଂ ଉକ୍ତ ଟୋପିଟି ରଖିବାପାଇଁ ଚାହୁଁଛନ୍ତି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ ହସିଦେଇ କହିଲେ

*ଅବଶିଷ୍ଟାଂଶ ପୃଷ୍ଠା- ୯ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan